


ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ରବିବାରଠାରୁ ଆରମ୍ଭ ହୋଇଥିବା 'ଡଟ୍ ଫେଷ୍ଟ୍'ର 'ଭୁବନେଶ୍ୱର ଲାଇଭ୍' ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ଷ୍ଟାର୍ ଦିଶା ପଟାନୀ ଓ ତାଙ୍କ ଗ୍ରୁପ୍ ନୃତ୍ୟ ପରିବେଷଣ କରୁଛନ୍ତି। ନାଚଗୀତରେ ମଜିଯାଇଥିବା ଉତ୍ସାହିତ ଦର୍ଶକ। (ଫଟୋ: ମୌସମ୍)

**ଆରମ୍ଭ ହେଲା ଡଟ୍ ଫେଷ୍ଟ**

# ଉତ୍ସବର ମଜା ଉଠାଅ: ମୁଖ୍ୟମନ୍ତ୍ରୀ

## 'ଭୁବନେଶ୍ୱର ଲାଇଭ୍' ଉଦ୍‌ଘାଟିତ

ଭୁବନେଶ୍ୱର,୧୫।୧(ବ୍ୟୁରୋ)

ଓଡ଼ିଶା ଦ୍ୱିତୀୟଥର ପାଇଁ ପୁରୁଷ ହକି ବିଶ୍ୱକପ୍ ଆୟୋଜନର ସୁଯୋଗ ପାଇଛି। ଏହା ଆମକୁ ଅଧିକ ଗୌରବାନ୍ୱିତ କରିଛି। ଓଡ଼ିଶା ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଓଡ଼ିଶାରେ ବିଶ୍ୱକପ୍‌ର ଉପସ୍ଥିତିକୁ ସମସ୍ତେ ଅନୁଭବ କରିବା ସହ ଏକ ମନ ନେଇ ଆୟୋଜିତ ଉତ୍ସବର ମଜା ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରବିବାର ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଥିବା ଡଟ୍‌ଫେଷ୍ଟର 'ଭୁବନେଶ୍ୱର ଲାଇଭ୍'କୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ବିଶ୍ୱର ୧୬ଟି ଦେଶରୁ ଲୋକମାନେ ଆସି ଏହାକୁ ଉପଭୋଗ କରୁଛନ୍ତି। ଆୟୋଜିତ ଏହି ଉତ୍ସବର ମୁହୂର୍ତ୍ତକୁ ଦ୍ୱିଗୁଣିତ କରିବା ସହ ପ୍ରତ୍ୟକ ମୁହୂର୍ତ୍ତର ମଜା ନେବାକୁ କହିଛନ୍ତି।



ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

ଉତ୍ସବରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ତୁଷାରିକାନ୍ତି ବେହେରା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂହ, ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଭିନେତା କୁନା ତ୍ରିପାଠୀ ଓ ଦୀକ୍ଷା ତିୱାରୀ ଉପସ୍ଥାପନା କରିଥିଲେ।

## ଦିଶାଙ୍କ ପାଇଁ ଅଧିକ ଉତ୍ସାହ

ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କୁ ନେଇ ଯୁବପିଢ଼ିଙ୍କ ପାଖେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ଏମିତିକି ପ୍ରଦର୍ଶନ ପୂର୍ବରୁ ଦର୍ଶକମାନେ ଦିଶା ଦିଶା... ବୋଲି ଚିତ୍କାର କରିବା ସହ ସରିବା ପରେ ଏ ଦିଲ ମାଙ୍ଗେ ମୋର... ବୋଲି ଶୁଣିବାକୁ ମିଳିଥିଲା। ଦିଶାଙ୍କ ପ୍ରଦର୍ଶନ ଆଉ ଟିକେ ଅଧିକ ସମୟ ହେଉ ବୋଲି କହୁଥିଲେ। ଦିଶା ତାଙ୍କର ଚୁଲବୁଲି ଅନ୍ଦାଜରେ ମଲଙ୍ଗ ଗୀତରୁ ନୃତ୍ୟ ଆରମ୍ଭ କରିଥିଲେ। ଡୁ ୟୁ ଲଭ୍ ମି ଗୀତରେ ନିଜର ଭଙ୍ଗୀ ପ୍ରଦର୍ଶନ କରି ଦର୍ଶକଙ୍କ ପାଖେ ଭଲପାଇବା ଅଜାଡ଼ି ଦେଇଥିଲେ। ଉ ଅଣ୍ଟାୱା ଗୀତରେ ଅଣ୍ଟା ହଲାଇ ଉପସ୍ଥିତ ଲୋକଙ୍କୁ ଝୁମାଇଥିଲେ ଦିଶା। ଆଜା ଡୁବ୍ ଜାଉଁ ତେରେ ଆଖୋ କେଁ ରୋଶନ ମେ ସ୍ଲୋ ମୋଶନ ମେ... ଗୀତରେ ତାଙ୍କର ସ୍ଲୋ ମୋଶନ ନାଚରେ ଦର୍ଶକ ନାଚି ଉଠିଥିଲେ। ସିଟି ମାର୍ ଗୀତରେ ଜବରଦସ୍ତ ପ୍ରଦର୍ଶନ କରି ମଞ୍ଚରୁ ବିଦାୟ ନେଇଥିଲେ ଦିଶା।

## ନାଚ୍ ମେରୀ ରାଣୀରେ ନଚାଇଲେ ଗୁରୁ ରନ୍ଧାୱା



ବ୍ୟାକ୍ ଟୁ ବ୍ୟାକ୍ ହିଟ୍ ଗୀତ ଗାଇ ଶ୍ରୋତାଙ୍କୁ ମଞ୍ଚ ପାଖକୁ ଟାଣି ଆଣିଲେ ପଞ୍ଜାବୀ ଗାୟକ ଗୁରୁ ରନ୍ଧାୱା। ପଞ୍ଜାବୀ ଗୀତର ଠୁମ୍‌କାରେ ଅଣ୍ଟା ଭିଡି ନାଚିଲେ ଦର୍ଶକ। କେତେବେଳେ 'ନାଚ୍ ମେରୀ ରାଣୀ'ରେ ଦର୍ଶକଙ୍କୁ ନଚାଉଥିଲେ ତ ପୁଣି କେତେବେଳେ 'ଶୁନ୍ ମେରି ମେହେବୁବା, ଓଡ଼ିଶା ଘୁମାଉଙ୍ଗା' ବୋଲି କହୁଥିଲେ। 'ଇଶାରେ ତେରେ କଙ୍ଗନେ ଦେ'ରେ ଦର୍ଶକଙ୍କୁ ଇଶାରେ ଦେଇ 'ଲଗ୍‌ଦି ଲାହୋର ଦିୟା' ଗୀତରେ ଲାହୋରର ଅନୁଭବ ଆଣି ଦେଉଥିଲେ। ଇସ୍କ ତେରା ଇସ୍କ ମେନୁ, କୌନ୍ ନାଚଦି, ବନ୍‌ଜା ତୁ ମେରି ରାଣୀ, ବେବି ଗର୍ଲ, ହାଇ ରେଟେଡ୍ ଗବ୍ରୁ, ପୋଟୋଲା ଭଳି ଗୀତରେ ଦର୍ଶକଙ୍କୁ ଭରପୂର ଏନର୍ଜି ଭରି ଦେଉଥିଲେ। ଶେଷରେ ଗୀତ ଗାଇ ଦର୍ଶକଙ୍କ ପାଖକୁ ଯାଇଥିଲେ ଗୁରୁ। ଗୁରୁଙ୍କର କିଛି ଫ୍ୟାନ୍ ତାଙ୍କ ପାଖକୁ ଯାଇ ସେଲ୍‌ଫି ନେବାର ସୁଯୋଗ ପାଇଥିଲେ। ସେହିପରି ନିଜ ଚଷମା କାଢ଼ି ମଞ୍ଚ ତଳେ ଥିବା ଫ୍ୟାନମାନଙ୍କ ପାଖକୁ ଫିଙ୍ଗି ଏକ ଆକର୍ଷଣ ସୃଷ୍ଟି କରିଥିଲେ। ମଞ୍ଚ ତଳେ ଯୁବପିଢ଼ି ତାଙ୍କର ପ୍ରତ୍ୟେକ ଗୀତର ମଜା ନେଇ ଖୁସିରେ ନାଚିଥିଲେ।

## ଆଜି ଗୀତରେ ଝୁମିବେ ଶ୍ରୋତା

ଭୁବନେଶ୍ୱର ଲାଇଭ୍‌ର ଦ୍ୱିତୀୟ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରିୟା ମଲ୍ଲିକ, ନଭରାଜ ହଂସ, ହର୍ଷଦୀପ୍ କୌର୍ ପ୍ରମୁଖ ଦର୍ଶକଙ୍କୁ ଗୀତରେ ହଜାଇବେ। ସେହିପରି ଓଡ଼ିଆ କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢୀ ମଧ ଗୀତ ଗାଇ ଦର୍ଶକଙ୍କୁ ଓଡ଼ିଆ ଗୀତର ଛୁଙ୍କ ଦେବେ।

## ମନକୁ ଛୁଇଁଲା ବ୍ଲାକସ୍ୱାନ୍ ଗ୍ରୁପର ରଙ୍ଗବତୀ

ଗୀତ ଗାଇବା ସହ ନିଜର ଛୋଟ ଛୋଟ ଭାବ ସହ ଦର୍ଶକଙ୍କ ପାଖେ ନିଜକୁ ପ୍ରଦର୍ଶିତ କରିଥିଲେ କୋରିଆନ୍ ବ୍ଲାକ୍‌ସ୍ୱାନ୍ ଗ୍ରୁପ। ଗୀତ ସବୁ ବୁଝି ନ ହେଉଥିଲେ ମଧ ଏମିତି ଢଙ୍ଗରେ ଉପସ୍ଥାପନ କରୁଥିଲେ ଯେ ଦର୍ଶକ ହାତ ଉଠାଇ ଗୀତ ସହ ତାଳ ଦେଇ ଝୁମିବାରେ ଲାଗିଥିଲେ। ଏହି ଗ୍ରୁପ୍‌ରେ ଥିବା ଓଡ଼ିଆ ଝିଅ ଶ୍ରେୟାଙ୍କ ନମସ୍କାର ଓଡ଼ିଶାରେ ସମସ୍ତେ ଅଧିକ ଉତ୍ସାହିତ ହୋଇ ଉଠିଥିଲେ। ପରେ ସେ ସ୍ୱତନ୍ତ୍ର ଭାବେ ଦୁଇପଦ ରଙ୍ଗବତୀ ଗୀତ ଗାଇଥିଲେ। ତାଙ୍କ ସହ ଥିବା ଅନ୍ୟ ସାଥୀମାନେ ଶ୍ରେୟାଙ୍କ ସହ ରଙ୍ଗବତୀ ଗାଇବାବେଳେ ଦର୍ଶକ  କରତାଳି ମାରି ସେମାନଙ୍କୁ ଉତ୍ସାହିତ କରିଥିଲେ।



# ପ୍ରଥମଥର ଖୋଲିଲା ନାଇଟ୍ ବଜାର

ଭୁବନେଶ୍ୱର, ୧୫।୧ (ବ୍ୟୁରୋ)



ହକି ବିଶ୍ୱକପ୍‌କୁ ଅଧିକ ରଙ୍ଗାରଙ୍ଗ କରିବା ସହ ଅତିଥି, ପର୍ଯ୍ୟଟକ, ଖେଳପ୍ରେମୀ ଓ ସହରବାସୀଙ୍କୁ ବିଶ୍ୱସ୍ତରୀୟ ଅନୁଭବ ଦେବା ପାଇଁ ଭୁବନେଶ୍ୱରରେ ଆରମ୍ଭ ହୋଇଛି ମନୋରଞ୍ଜନର ମହାକୁମ୍ଭ 'ଡଟ୍‌ଫେଷ୍ଟ'। ଏକା ସଙ୍ଗରେ ଏହା ଲୋକଙ୍କୁ ନୃତ୍ୟ, ସଙ୍ଗୀତ, କମେଡି ସହିତ ଖାଦ୍ୟପେୟ ଏବଂ ବିକ୍ରିବଟାର ଭରପୂର ଖୋରାକ ଯୋଗାଉଛି। ଡଟ୍‌ଫେଷ୍ଟର ଅଂଶବିଶେଷ ଭାବେ ରବିବାର ଏକାମ୍ର ହାଟରେ ଖୋଲିଛି 'ନାଇଟ୍ ବଜାର'। ୧୫ ଦିନ ଧରି ଚାଲିବାକୁ ଥିବା ନାଇଟ୍ ବଜାରରେ ସହରବାସୀ ବୁଲାବୁଲି ଓ ମନୋରଞ୍ଜନ କରିବା ସହ ବିଭିନ୍ନ ସାମଗ୍ରୀ କିଣିବାର ସୁଯୋଗ ପାଇବେ।

ଡଟ୍‌ଫେଷ୍ଟ ଦ୍ୱିତୀୟ ସଂସ୍କରଣରେ ପ୍ରଥମଥର ପାଇଁ 'ନାଇଟ୍ ବଜାର' ଅନ୍ତର୍ଭୁକ୍ତ ହୋଇଥିବାବେଳେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଝଲମଲ ଆଲୋକ ସଜ୍ଜା ସାଙ୍ଗକୁ ଏକ ନୂଆ ରୂପ ପାଇଛି ଏକାମ୍ର ହାଟ। ଓଡ଼ିଶା ସମେତ ଦିଲ୍ଲୀ, କୋଲକାତା ଆଦି ବିଭିନ୍ନ ରାଜ୍ୟରୁ ଆସିଥିବା ଉଦ୍ୟୋଗୀମାନେ ଏଥିରେ ସାମିଲ ହୋଇଛନ୍ତି। ମାସ୍କ ଠାରୁ ଆରମ୍ଭ କରି ସମ୍ବଲପୁରୀ ଶାଢ଼ି, ବିଭିନ୍ନ ଭେରାଇଟିର ଡ୍ରେସ୍, ବାଉଁଶରୁ ପ୍ରସ୍ତୁତ ଗହଣା, ଘରସଜ୍ଜା ସାମଗ୍ରୀ, ପର୍ସ, ଘରସଜ୍ଜା ସାମଗ୍ରୀ, ଫୁଲଦାନୀ, ହୋମ୍ ଡେକୋର, ଖାଦ୍ୟ ସାମଗ୍ରୀ ଆଦିର ବିକ୍ରିବଟା ହେଉଛି। ଏହା ସାଙ୍ଗକୁ ଲୋକଙ୍କ ମନୋରଞ୍ଜନ କରିବା ପାଇଁ ଏକାମ୍ର ହାଟ ମଧ୍ୟରେ ୩ଟି ଷ୍ଟେଜ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। ୨୯ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୫ଟାରୁ ରାତି ୧୨ଟା ଯାଏ ଏହି ମାର୍କେଟ ଖୋଲା ରହିବ।

# ଆରମ୍ଭ ହେଲା ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ



ଡଟ୍ ଫେଷ୍ଟର ଅନ୍ୟତମ ଆକର୍ଷଣ ଭାବେ ପ୍ରଦର୍ଶନୀ ପଡ଼ିଆରେ ରବିବାରଠାରୁ 'ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ' ଆରମ୍ଭ ହୋଇଛି। ଏଥିରେ ଖାଦ୍ୟପ୍ରେମୀମାନେ ୧୬ଟି ଦେଶ ଓ ଭାରତର ୨୪ଟି ରାଜ୍ୟର ସୁସ୍ୱାଦୁ ଖାଦ୍ୟର ମଜା ନେଇପାରିବେ। ପ୍ରଥମ ସନ୍ଧ୍ୟାରୁ ଲୋକଙ୍କ ମଧ୍ୟରେ ବାହାର ଖାଦ୍ୟକୁ ନେଇ କେତେ କ୍ରେଜ୍ ରହିଛି ତାହା ଜଣାପଡିଥିଲା। ଷ୍ଟଲ ଆଗରେ ଗହଳି ଲାଗି ରହିଥିବାବେଳେ ଖଚାଖଚ୍ ଭିଡ଼ ଦେଖିବାକୁ ମିଳିଥିଲା। ଏପରିକି ଲୋକମାନେ ବସିବାକୁ ସିଟ୍ ନ ପାଇଁ ଠିଆ ହୋଇ ଖାଉଥିଲେ। ସେହିପରି ମିଲେଟ୍ ମିଶନ୍ ଓ କୋରାପୁଟ୍ କାଫେର ସ୍ୱାଦିଷ୍ଟ ଖାଦ୍ୟକୁ ମଧ ଲୋକମାନେ ବେଶ୍ ଖୁସି ମନରେ ଖାଉଥିଲେ। ଏହି ଖାଦ୍ୟ ମେଳା ୨୯ ତାରିଖ ପର୍ଯ୍ୟନ୍ତ ସନ୍ଧ୍ୟା ୬ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିବ।

# ଜମୁଛି କାହାଣୀ ଉତ୍ସବ 'ଭୁ-ଫେଷ୍ଟୋ'

- ପିଲାଙ୍କୁ ଆକୃଷ୍ଟ କରୁଛି କୌତୁକିଆ କାହାଣୀ
- ହସାଇ ବେଦମ୍ କଲେ 'ଦ ପପେଟାରିଆନ୍ସ'

ଭୁବନେଶ୍ୱର,୧୫।୧(ବ୍ୟୁରୋ)



ସାଉଥ୍ ଆଫ୍ରିକାର ବୋଙ୍ଗିସ୍ୱା  ଆଇଜି ପାର୍କରେ ପିଲାଙ୍କୁ କାହାଣୀ ଶୁଣାଉଛନ୍ତି।

ହକିବିଶ୍ୱକପ୍‌ସହରାଜଧାନୀରେଆୟୋଜନ ହୋଇଛି ଭଳିକି ଭଳି ମନୋରଞ୍ଜନ କାର୍ଯ୍ୟକ୍ରମ। ପୋଖରୀପୁଟସ୍ଥିତ କଳାଭୂମି ସମେତ ୩ ପାର୍କରେ ଆୟୋଜିତ କାହାଣୀ ଉତ୍ସବ 'ଭୁ-ଫେଷ୍ଟୋ' ପିଲାଙ୍କଠାରୁ ବୟସ୍କଙ୍କୁ ଆକୃଷ୍ଟ କରୁଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ବକୁଳ ଫାଉଣ୍ଡେଶନ ଆନୁକୂଲ୍ୟରେ ଚାଲିଥିବା ଏହି କାହାଣୀ ଉତ୍ସବ ଦିନକୁ ଦିନ ଅଧିକ ଆଦର ଲାଭ କରିବାରେ ଲାଗିଛି। ସମ୍ ହସପିଟାଲ ନିକଟ ଏପିଜେ ଅବଦୁଲ କଲାମ ପାର୍କରେ ଷ୍ଟୋରୀ ଟେଲର ଅକ୍ଷୟ ଗାନ୍ଧୀଙ୍କ କାହାଣୀରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସେ ହିନ୍ଦୀ ଭାଷାରେ ପିଲାଙ୍କ ମନକୁ ଛୁଇଁଲା ଭଳି କାହାଣୀ ପରିବେଷଣ କରିଥିଲେ। କାହାଣୀରେ ବିଭିନ୍ନ ଜୀବଜନ୍ତୁଙ୍କ ଚରିତ୍ରକୁ ନିଜର ଅଙ୍ଗଭଙ୍ଗୀ ଏବଂ ପଶୁପକ୍ଷୀଙ୍କ ସ୍ୱରରେ ଜୀବନ୍ତ କରିବାକୁ ଚେଷ୍ଟା କରିଥିଲେ। ପରେ ସ୍କଟ୍‌ଲ୍ୟାଣ୍ଡର ଷ୍ଟୋରୀ ଟେଲର ମାରିୟନ୍ କେନିଙ୍କ କାହାଣୀ ପରିବେଷଣ ସମୟରେ ପୂରା ଅଞ୍ଚଳ ତାଳିରେ ଗୁଞ୍ଜରିତ ହୋଇଥିଲା। ସେହିପରି ଇଣ୍ଡୋନେସିଆର ଆରିୟୋଙ୍କ କାହାଣୀ ପରିବେଷଣ ଶୈଳୀ ମଧ ବେଶ୍ ନିଆରା ଥିଲା। ବିଶିଷ୍ଟ ଓଡ଼ିଆ ଷ୍ଟୋରୀ ଟେଲର ହୃଦୟରଞ୍ଜନଙ୍କ କାହାଣୀ ସବୁ ବର୍ଗର ଲୋକଙ୍କ ମନକୁ ଛୁଇଁଥିଲା। ସାଉଥ୍ ଆଫ୍ରିକାର ବୋଙ୍ଗିସ୍ୱା ସ୍ଥାନୀୟ ଇନ୍ଦିରା ଗାନ୍ଧୀ (ଆଇଜି) ପାର୍କରେ ପିଲାଙ୍କୁ ମନମତାଣିଆ କାହାଣୀ ଶୁଣାଇଥିଲେ। ଦ ପପେଟାରିଆନ୍ସଙ୍କ କୌତୁକିଆ କଥାରେ ଦର୍ଶକ ହସି ହସି ବେଦମ ହୋଇଥିଲେ। ଅନ୍ୟ ଷ୍ଟୋରୀ ଟେଲରଙ୍କ ମଧ୍ୟରେ କପିଲ ପାଣ୍ଡେ ହିନ୍ଦୀରେ ଏବଂ ପ୍ରାଚୀ ତାରା ଓଡ଼ିଆରେ କାହାଣୀ ଶୁଣାଇଥିଲେ। ବୁଦ୍ଧ ଜୟନ୍ତୀ ପାର୍କରେ ସିଙ୍ଗାପୁରର ରୋଗର ଜେଙ୍କିନ୍ସ ପିଲାଙ୍କୁ କାହାଣୀ ଶୁଣାଇବା ସହିତ  ସେମାନଙ୍କ ସହ କଥା ହୋଇ ମନୋରଞ୍ଜନ କରିଥିଲେ। ତାଙ୍କ ସହ ଲୋପାମୁଦ୍ରା ସେନାପତି ମଧ ଯୋଡ଼ି ହୋଇ ପିଲାଙ୍କ ସହ ମତ ବିନିମୟ କରୁଥିବା ଦେଖିବାକୁ ମିଳିଥିଲା। ଏଠାରେ ମଧ 'ଦ ପପେଟାରିଆନ୍ସ' ଲୋକଙ୍କୁ ହସାଇ ହସାଇ ବେଦମ  କରିଥିଲେ। ନୁପୂର ଅଗ୍ରୱାଲ ମ୍ୟାଜିକ ଷ୍ଟୋରୀ ପରିବେଷଣ କରିଥିଲେ। ପୂର୍ବରୁ ଆଇଜି ପାର୍କରେ ପିଲାଙ୍କ ମନ କିଣିଥିବା ୟୁଏସ୍‌ଏର ଆଣ୍ଟୋନିଓ ରୋଚା କଳାଭୂମିରେ ଅଙ୍ଗଭଙ୍ଗୀ ପ୍ରଦର୍ଶନ ସହ କାହାଣୀ ଶୁଣାଇଥିଲେ। ଅନୁଭା ଦଶପାଲ, ମୀରା ଦାସ ଏବଂ ଶାଶ୍ୱତୀ ପଟ୍ଟନାୟକଙ୍କ କାହାଣୀ ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ସମସ୍ତ ୪ ସ୍ଥାନରେ ପୂର୍ବାପେକ୍ଷା ରବିବାର ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଧିକ ସଂଖ୍ୟକ ଦର୍ଶକ ଯୋଗଦେଇ ଉପଭୋଗ କରିବା ପାଇଁ ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ ମହାପାତ୍ର ଆମନ୍ତ୍ରଣ କରିଛନ୍ତି।  କାହାଣୀ ଶୁଣିବା ସହ କାହାଣୀ ପଢ଼ିବା ପାଇଁ ସେ ଦର୍ଶକଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି।




କଲାମ ପାର୍କରେ ଷ୍ଟୋରି ଟେଲର ଅକ୍ଷୟ ଗାନ୍ଧୀ କାହାଣୀ ଶୁଣାଇବା ସହ ପଶୁପକ୍ଷୀଙ୍କ ସ୍ୱର ସୃଷ୍ଟି କରି ପିଲାଙ୍କୁ ଉତ୍ସାହିତ କରୁଛନ୍ତି।

## ହାଇୱା ଧକ୍କାରେ ଯୁବକ ମୃତ

ଖୁଣ୍ଟୁଣୀ,(ଡି.ଏନ୍.ଏ.): ଖୁଣ୍ଟୁଣୀ ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମ ନିକଟରେ ରବିବାର ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁମନ ଦାସ। ଭୋର ପ୍ରାୟ ୫ଟାରେ ସେ ଶୌଚ ହେବା ପାଇଁ ରାସ୍ତା ପାର ହେଉଥିବାବେଳେ ହାଇୱା ତାଙ୍କୁ ଧକ୍କା ଦେଇ ପଳାଇ ଯାଇଛି। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠଗଡ଼ ତାକ୍ତରଖାନା ପଠାଇଥିଲା। ଏଥିସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିଶିଷ୍ଟ ଶ୍ରମିକ ନେତା ଦାମୋଦର ମହାପାତ୍ରଙ୍କ ବିୟୋଗରେ ସିପିଆଇ ପକ୍ଷରୁ ସ୍ମୃତିସଭା, ଭଗବତୀ ଭବନ, ଅଶୋକ ନଗର, ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ, ଉତ୍କଳ ମଣ୍ଡପ, ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୁକ୍ତେଶ୍ୱର ନୃତ୍ୟ ସମାରୋହ, ମୁକ୍ତେଶ୍ୱର ମନ୍ଦିର ପରିସର, ସନ୍ଧ୍ୟା ୬ଟା।
- ବସନ୍ତ ନାୟକ ଫାଉଣ୍ଡେଶନ ଦ୍ୱାରା ଆୟୋଜିତ ବସନ୍ତ ନାୟକ ଜୟନ୍ତୀ ଉତ୍ସବ-୨୦୨୩, ସୂଚନା ଭବନ, ସନ୍ଧ୍ୟା ୬ଟା।
- ୧୧ତମ ଅଜିତ୍ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୧୫।
- ଉତ୍ ଫେଷ୍ଟ: ଅନ୍ତର୍ଜାତୀୟ ଫୁଡ୍ ଫେଷ୍ଟିଭାଲ୍, ଇଡ୍କୋ ପଡ଼ିଆ, ସନ୍ଧ୍ୟା ୬ଟା। ଭୁବନେଶ୍ୱର ଲାଇଭ୍, ଇଡ୍କୋ, ସନ୍ଧ୍ୟା ୭ଟା।, ଭୁଫେଷ୍ଟୋ, ଆଇଜି ପାର୍କ, ବୁଦ୍ଧ ଜୟନ୍ତୀ ପାର୍କ, ଏପିଜେ ଅବ୍ଦୁଲ କଲାମ ପାର୍କ, କଳାଭୂମି, ଅପରାହ୍ନ ୨ଟା ୩୦। ସେବେ-ଓ-ଇବେ ଫଟୋ ପ୍ରଦର୍ଶନୀ, ଇଡ୍କୋ, ପୂର୍ବାହ୍ନ ୧୦ଟା।
- ଶିଶିର ସରସ ମେଳା ୨୦୨୩, ବିଜୁ ପଟ୍ଟନାୟକ ଖେଳପଡ଼ିଆ, ବରମୁଣ୍ଡା, ସନ୍ଧ୍ୟା ୬ଟା ୩୦।

କଟକ

- ସନ୍ଥ ଅରକ୍ଷିତ ଦାସ ଗବେଷଣା ପରିଷଦ ପକ୍ଷରୁ ସନ୍ଥ ଅରକ୍ଷିତ ଦାସ ଗ୍ରନ୍ଥ ସଙ୍କଳନର ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।

## କୁଆପଦାରେ ବୋମାମାଡ଼

ଡେଲାଙ୍ଗ,୧୫ା୧(ଡି.ଏନ୍.ଏ.): କୁଆପଦା ଗ୍ରାମର ଜିତେନ୍ଦ୍ର ହରିଚନ୍ଦନଙ୍କ ଘର ଆଗରେ ବୋମାମାଡ଼ ହୋଇଥିବା ଡେଲାଙ୍ଗ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜିତେନ୍ଦ୍ରଙ୍କ ଜମିରୁ ମନୋଜ ମିଶ୍ର ମାଟି ଉଠାଉଛନ୍ତି। ମାଟି ଉଠାଇବା ପାଇଁ ତହସିଲ କାର୍ଯ୍ୟାଳୟରୁ ପରମିସନ ଆଣିଥିବା ବେଳେ ପାଉତି ମଧ କଟାଯାଇଛି। ଏହା ସହିତ ମାଟି ଉଠାଇବା ପାଇଁ ଠିକାଦାର ଓ ଜମି ମାଲିକଙ୍କ ମଧ୍ୟରେ ଚୁକ୍ତି କରାଯାଇ ମାଟି ଉଠାଯାଉଛି। ଉକ୍ତ ଗ୍ରାମର ଦୁଇଜଣ ଯୁବକ ମାଟି ଉଠାଇବା ପାଇଁ ବ୍ୟବହୃତ ମେଶିନରୁ ତେଲ ଚୋରି କରି ନେଇଥିଲେ। ଏନେଇ ଜମି ମାଲିକ ଓ ଯୁବକମାନଙ୍କ ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଯୁବକମାନେ ବୋମାମାଡ଼ କରିଛନ୍ତି ବୋଲି ଜିତେନ୍ଦ୍ର ଅଭିଯୋଗ କରିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

ଡେଲାଙ୍ଗ,୧୫ା୧(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ୧୧ ବର୍ଷୀୟା ବାଳିକାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ରାତିରେ ପ୍ରବଚନ ଚାଲିଥିବା ବେଳେ ଜଣେ ଯୁବକ ସମ୍ପୃକ୍ତ ନାବାଳିକାଙ୍କୁ ଚକୋଲେଟ ଦେବା ସହ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ପରେ ସେଠାରୁ ନିଛାଟିଆ ସ୍ଥାନକୁ ଟେକି ନେବା ପାଇଁ ଉଦ୍ୟମ କରିବା ବେଳେ ନାବାଳିକା ଜଣକ ଚିତ୍କାର କରିବାରୁ ପଳାଇଥିଲେ। ସମସ୍ତ ଘଟଣା ପରିବାରଲୋକେ ଜାଣିବା ପରେ ଡେଲାଙ୍ଗ ଥାନାର ଦ୍ୱାରସ୍ଥ ହୋଇଥିଲେ। ଖବରପାଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଡେଲାଙ୍ଗ ଥାନାରେ ପହଞ୍ଚି ପୀଡିତାଙ୍କଠାରୁ ସମସ୍ତ ଘଟଣା ପଚାରି ବୁଝିଥିଲେ।



ପୁରୁଣା ଭୁବନେଶ୍ୱର ରଥରୋଡ୍‌ରେ ରବିବାର ଅନୁଷ୍ଠିତ 'ପଥ ଉତ୍ସବ'ରେ ନାଚଗୀତରେ ମସ୍‌ଗୁଲ ସହରବାସୀ ଓ ପର୍ଯ୍ୟଟକ।

# ଉତ୍ସବମୁଖର ସହରୀ ସକାଳ

ପଥ ଉତ୍ସବ

ଭୁବନେଶ୍ୱର, ୧୫ା୧ (ବ୍ୟୁରୋ)



ରାଜଧାନୀରେ ରବିବାର ଶୀତୁଆ ସକାଳକୁ ସତେଜ କରିଥିଲା 'ପଥ ଉତ୍ସବ'। ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ନାଚ, ଗୀତ ସାଙ୍ଗକୁ ମନୋରଞ୍ଜନର ଭରପୂର ମଜା ଉଠାଇଥିଲେ। ଏଥର ପଥ ଉତ୍ସବ ପୁରୁଣା ଭୁବନେଶ୍ୱର ରଥରୋଡ୍‌ରେ ଅନୁଷ୍ଠିତ ହୋଇଥିଲା। ସକାଳ ୬ଟା ୩୦ରୁ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଝୋଟି, ମୁରୁଜରେ ରାସ୍ତାଗୁଡିକ ଶୋଭା ପାଉଥିବାବେଳେ କୁନି କୁନି ପିଲାମାନେ ନିଜ ତୁଳୀରେ ବିଭିନ୍ନ ଚିତ୍ର ଆଙ୍କିଥିଲେ। ପ୍ରଥମକରି ପଥ ଉତ୍ସବରେ ଖାଦ୍ୟର ପସରା ମେଲିଥିଲା। ମିଲେଟ୍ ମିଟ୍‌ରୁ ପ୍ରସ୍ତୁତ ପିଠା ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ଷ୍ଟଲ ଖୋଲା ଯାଇଥିଲା। ଏଥିସହ ଜୁମ୍ବା ନୃତ୍ୟରେ ଝୁମିଥିଲେ ଦର୍ଶକ। ବିଭିନ୍ନ ଗୀତର ତାଳେ ତାଳେ ଯୁବପିଢି ନୃତ୍ୟ ପରିବେଷଣ କରିଥିଲେ। ଆଖପାଖ ଘରର ଛାତ ଉପରେ ରହି ଲୋକମାନେ ଉତ୍ସବର ମଜା ଉଠାଇଥିଲେ। ଓଡ଼ିଶୀରେ 'ଅୟିଗିରି ନନ୍ଦୀନୀ'ଠାରୁ ଆରମ୍ଭ କରି 'ପରଦେଶିଆ ରଜା', 'ଜେଡା ନସା' ଭଳି ବିଭିନ୍ନ ଗୀତ ସାଙ୍ଗକୁ ନୃତ୍ୟରେ ପ୍ରକମ୍ପିତ ହୋଇଥିଲା ପୂରା ପରିବେଶ। ସେହିପରି ବିଏମ୍‌ସି ପକ୍ଷରୁ ଡେଙ୍ଗୁ ରୋଗ ନେଇ ସଚେତନ କରିବା ସହ ଓଦା ଶୁଖିଲା ଅଳିଆକୁ ଅଲଗା ଅଲଗା କରି ସଫେଇବାଲାଙ୍କୁ ଦେବା ପାଇଁ ସଚେତନତା ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ଓ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ କମିଶନର ଓ କର୍ପୋରେଟରମାନେ ଉପସ୍ଥିତ ଥିଲେ।

### ଆକର୍ଷଣ ସାଜିଲା କାନ୍ତାରା ବେଶ

କନ୍ନଡ ଚଳଚ୍ଚିତ୍ର 'କାନ୍ତାରା'ରୁ ପ୍ରୋତ୍ସାହିତ ହୋଇ ଜଣେ ବ୍ୟକ୍ତି ନିଜକୁ କାନ୍ତାରା ବେଶରେ ସଜାଇ ଲୋକଙ୍କୁ ଆମୋଦିତ କରିଥିଲେ। ଲୋକମାନେ ମଧ ତାଙ୍କ ସହ ସେଲ୍‌ଫି ଉଠାଇବା ସହ ନୃତ୍ୟ ପରିବେଷଣ କରିଥିଲେ। ତାଙ୍କର କଳା, ଅଙ୍ଗଭଙ୍ଗୀ ଲୋକଙ୍କୁ ଆକୃଷ୍ଟ କରିଥିଲା।

### ଦେବଦେବୀ ରୂପରେ କୁନିକୁନି ପିଲା

ହେଲ୍ମମେଟ୍ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ପିଲାମାନେ ବିଭିନ୍ନ ଦେବଦେବୀଙ୍କ ବେଶ ହୋଇ ହାତରେ ହକି ଷ୍ଟିକ୍ ଧରି ଉତ୍ସବରେ ପଦଯାତ୍ରା କରିଥିଲେ। ଏଥିସହ ହକି ବିଶ୍ୱକପ୍‌ରେ ଭାରତର ବିଜୟ ପାଇଁ ଶୁଭେଚ୍ଛା ଜଣାଇଥିଲେ। ଅନୁଷ୍ଠାନର ସମ୍ପାଦିକା ନିବେଦିତା ଭଞ୍ଜ କହିଛନ୍ତି, ଭାରତୀୟ ଖେଳାଳିଙ୍କ ପରିଶ୍ରମ, ଚେଷ୍ଟା, ସଂକଳ୍ପ ଏବଂ ଆତ୍ମବିଶ୍ୱାସ ପାଇଁ ବିଶ୍ୱକପ୍ ଜିତିବାରେ ସଫଳ ହେବ। ହକି ଲାଗି ଲୋକଙ୍କୁ ଉତ୍ସାହିତ କରିବା ପାଇଁ ଏହା ଏକ ଭିନ୍ନ ପ୍ରୟାସ।

# ସରିଲା ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀ



ଭୁବନେଶ୍ୱର,୧୫ା୧(ବ୍ୟୁରୋ)

ରିଜଓନାଲ୍ ପ୍ଲାଣ୍ଟ ରିସୋର୍ସ ସେଣ୍ଟର(ଆର୍‌ପିଆର୍‌ସି) ଓ ପ୍ଲାଣ୍ଟ ଲଭର୍ସ ଆସୋସିଏଶନ୍ ପକ୍ଷରୁ ଏକାମ୍ରକାନନରେ ଚାଲିଥିବା ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନରେ ୩୦ହଜାରରୁ ଅଧିକ ଫୁଲପ୍ରେମୀ ପ୍ରଦର୍ଶନୀ ବୁଲି ଦେଖିଥିଲେ। ଏହି ଅବସରରେ ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲକୁ ସବୁଜ ବିଦ୍ୟାଳୟ ସମ୍ମାନରେ ସମ୍ମାନିତ କରାଯାଇଛି। ସ୍କୁଲର ସିନିୟର ପ୍ରିନ୍ସପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୩୦ ହଜାର ବର୍ଗଫୁଟରେ ଲଗାଯାଇଥିବା ବିଭିନ୍ନ ପ୍ରକାର ଫୁଲ, ଫଳ, ଔଷଧୀୟ ବୃକ୍ଷ ଦ୍ୱାରା ସବୁଜିମା ପରିବେଶ ପାଇଁ ସ୍କୁଲକୁ କ୍ରମାଗତ ଭାବେ ୧୨ବର୍ଷ ଧରି ଏହି ସମ୍ମାନ ମିଳି ଆସୁଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ମନରେ ପ୍ରକୃତିକୁ ଭଲପାଇବା ସହ ବୃକ୍ଷରୋପଣ ପ୍ରତି ଆଗ୍ରହ ସୃଷ୍ଟି ହେଉଛି। ବିଦ୍ୟାଳୟର ମାଳିମାନେ ଗଛଗୁଡ଼ିକର ଯତ୍ନ ନେଇ କ୍ୟାମ୍ପସ ପରିବେଶକୁ ସବୁଜିମାରେ ପରିପୂର୍ଣ୍ଣ କରିବା ସହ ପୁରସ୍କୃତ କରିବାରେ ମୁଖ୍ୟ ଭୂମିକା ନେଇଥିବା ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି।

### ସାଇ ଇଣ୍ଟରନ୍ୟାଶନାଲ ସ୍କୁଲକୁ ସବୁଜ ବିଦ୍ୟାଳୟ ସମ୍ମାନ



### 'ଏକାମ୍ର ୱାକ୍'ର ଦ୍ୱିତୀୟ ଦିନ

## ଯୋଗାସନ, ମ୍ୟୁଜିୟମ୍ ବୁଲା ସହ ଷ୍ଟ୍ରିଟ୍ ଫୁଡ୍

ଭୁବନେଶ୍ୱର,୧୫ା୧(ବ୍ୟୁରୋ)

ସକାଳୁ ସକାଳୁ ଏକାମ୍ର ହାଟ ନିକଟରୁ 'ଏକାମ୍ର ୱାକ୍'ରେ ବାହାରିଥିଲେ ପର୍ଯ୍ୟଟକ। ଶୀତୁଆ ସକାଳରେ ପର୍ଯ୍ୟଟକଙ୍କ ଗାଡ଼ି ପହଞ୍ଚିଥିଲା ଡେରାଶ ଡ୍ୟାମ୍ ନିକଟରେ। ଡ୍ୟାମ୍ କୂଳରେ ଯୋଗାସନ କରିବା ସହ ଏହାର ଉପକାରିତା ସମ୍ପର୍କରେ ଜାଣିବାକୁ ପାଇଥିଲେ ପର୍ଯ୍ୟଟକ। ୩ଟି ସରଳ ଆସନ ସହ 'ସୂର୍ଯ୍ୟ ନମସ୍କାର'ର ପ୍ରଶିକ୍ଷଣ ନେଇଥିଲେ ପର୍ଯ୍ୟଟକ। ସେହିପରି ନନ୍ଦନକାନ, ଏକାମ୍ର କାନନ ଓ ବଟାନିକାଲ ଗାର୍ଡେନରେ ବିଭିନ୍ନ ପ୍ରଜାତିର ପକ୍ଷୀ ଏବଂ ପ୍ରଜାପତିର ସୌନ୍ଦର୍ଯ୍ୟକୁ ପର୍ଯ୍ୟଟକ ଉପଭୋଗ କରିଥିଲେ। ଏହି ଗ୍ରୁପ୍‌ରେ ସାମିଲ ହୋଇଥିବା ଯାତ୍ରୀ ଭରତପୁରରେ ଜଙ୍ଗଲ ସଫାରୀ ମଜା ନେଇଥିଲେ। ପରେ ଆରମ୍ଭ ହୋଇଥିଲା 'ମ୍ୟୁଜିୟମ ଟ୍ରେଲ୍'। ଏଥିରେ ଅଂଶ ଗ୍ରହଣ କରିଥିବା ପର୍ଯ୍ୟଟକ ନାଚୁରାଲ ହିଷ୍ଟ୍ରି ମ୍ୟୁଜିୟମ୍ ଏବଂ ରିଜିଓନାଲ ସାଇନ୍ସ ସେଣ୍ଟର ବୁଲିଥିଲେ। ଏହି ଟ୍ରେଲ୍‌ର ଶୀର୍ଷକ 'ରି-ଇମାଜିନିଂ ୟୁନିଭର୍ସ' ରହିଥିଲା। ଅପରାହ୍ନ ୩ଟାରୁ ୬ ଟା ମଧ୍ୟରେ ନିର୍ଦ୍ଧାରିତ ଦେୟ ଦେଇ ଭୁବନେଶ୍ୱରରେ ଘରେ ଘରେ ପରିଚିତ ଷ୍ଟ୍ରିଟ୍ ଫୁଡ୍‌ର ମଜା ନେଇଥିଲେ। 'ଟିଫିନ୍ ଟ୍ରେଲସ୍ ଅଫ୍ ଭୁବନେଶ୍ୱର' ଶୀର୍ଷକ ଏହି ଟ୍ରେଲ ମାଧ୍ୟମରେ ଅଂଶଗ୍ରହଣକାରୀ ଆଳୁ ଉପମା, ରବି ଦହିବରା, ରବି ବରା, ରାମ ଭାଇ ଚା' ସହ ଲିଙ୍ଗରାଜ ମନ୍ଦିର ଅଞ୍ଚଳର ପ୍ରସିଦ୍ଧ କୋରାଖାଇ ସ୍ୱାଦ ଚାଖିଥିଲେ। ଫେବୃୟାରୀ ୧୨ ପର୍ଯ୍ୟନ୍ତ 'ଏକାମ୍ର ୱାକ୍' ଚାଲିବ।



ହକି ବିଶ୍ୱକପ୍ ପାଇଁ କଳିଙ୍ଗ ଷ୍ଟାଡିୟମର 'ଓଲି ରାଇଜ'ରେ ଲୋକଙ୍କ ମନରେ ଖେଳ ପ୍ରତି ଆଗ୍ରହ ସୃଷ୍ଟି ସହ ମନୋରଞ୍ଜନ କରୁଛି ବିଶ୍ୱକପ୍ ମାସ୍କଟ 'ଓଲି'।



ଭାଗୋଜୀ ସିନ୍ଧେ ସାଇ ପରିବାର ପକ୍ଷରୁ ଭୁବନେଶ୍ୱର ପୋଖରୀପୁଟସ୍ଥିତ ଗୋଖିବାବା ଲେପ୍ରୋସି କଲୋନୀରେ ଶୀତବସ୍ତ୍ର, ଶୁଖିଲା ଖାଦ୍ୟ ଆଦି ବଣ୍ଟନ କରାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅଭିଷେକ



@ ଶାଶ୍ୱତ



@ ଚନ୍ଦନ



@ କାର୍ତ୍ତିକ



@ ଶୁଭମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

GOVERNMENT OF ODISHA
DEPARTMENT OF WATER RESOURCES
**Office of the Superintending Engineer**
**Chheligada Head Works Division**
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

**1st corrigendum to e-procurement Notice No. SE-CHWD-05/2022-23.**

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ଜାନୁୟାରୀ, ୨୦୨୩



**ସମ୍ପର୍କର ସେତୁବନ୍ଧ ହେଉଛି ବନ୍ଧୁତ୍ୱ**

ଖୋର୍ଦ୍ଧା ଅଫିସ: ଖୋର୍ଦ୍ଧା ବ୍ଲକ ନରଣଗଡ଼ ଚିନ୍ତାମଣି ବିଦ୍ୟା ନିକେତନ ହାଇସ୍କୁଲର ୧୯୮୬ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଦିବାକର ଭୋଇ କହିଲେ ଯେ, ବନ୍ଧୁତ୍ୱ ସମ୍ପର୍କର ସେତୁବନ୍ଧ ଭଳି କାର୍ଯ୍ୟ କରିଥାଏ। ବନ୍ଧୁତ୍ୱ କେବେ ବି ମଳିନ ପଡ଼ି ନ ଥାଏ। କେଦାର ମାନସିଂ, ଅବକାଶ ମହାନ୍ତି ସଂଯୋଜନା କରିଥିବାବେଳେ ସରୋଜିନୀ ପଟ୍ଟନାୟକ, ଲକ୍ଷ୍ମଣ ପାଢ଼ୀଶାଣୀ, ରିନା ପଟ୍ଟନାୟକ, ବୈକୁଣ୍ଠନାଥ ବଳିଆରସିଂ, ମିଲି ପଟ୍ଟନାୟକ, ବାବାଜି ରାଉତରାୟ, ଦେବବ୍ରତ ପାଇକରାୟଙ୍କ ସମେତ ହାଇସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ଭୋଜିଭାତର ଆସର ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ।

## ସଂକ୍ଷେପରେ

### ମାଛ ମାରିବା ବେଳେ ଡଙ୍ଗାରେ ପଡ଼ି ମତ୍ସ୍ୟଜୀବୀ ମୃତ

ବାଲୁଗାଁ,୧୫।୧(ଡି.ଏନ୍.ଏ.): ଚିଲିକାରେ ମାଛ ମାରୁଥିବା ବେଳେ ଅସାବଧାନତାରୁ ଡଙ୍ଗା ଭିତରେ ପଡ଼ିଯିବାରୁ ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିଲିକା ବ୍ଲକ୍ ଅଧୀନ ବଉଳାବନ୍ଧ ଗ୍ରାମର ଶତ୍ରୁଘ୍ନ ବେହେରା(୬୦)। ସୂଚନା ମୁତାବକ, ଦୈନନ୍ଦିନ ପରି ଶତ୍ରୁଘ୍ନ ରବିବାର ପୂର୍ବାହ୍ନରେ ଡଙ୍ଗାରେ ମାଛ ମାରିବା ପାଇଁ ଯାଇଥିଲେ। ତେବେ କୌଣସି କାରଣବଶତଃ ଡଙ୍ଗାରେ ପଡ଼ିଯାଇ ସେ ଗୁରୁତର ଆହତ ହୋଇଥିଲେ। ନିକଟରେ ମାଛ ମାରୁଥିବା ଅନ୍ୟ ମତ୍ସ୍ୟଜୀବୀ ପହଞ୍ଚି ଶତ୍ରୁଘ୍ନଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ଶିବ ପ୍ରସାଦଙ୍କୁ ପାରିକୁଦ ପ୍ରତିଭା ସମ୍ମାନ

କୃଷ୍ଣପ୍ରସାଦ,୧୫।୧(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତିଙ୍କୁ କୃଷ୍ଣପ୍ରସାଦ ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ 'ପାରିକୁଦ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଛି। ଶିବପ୍ରସାଦ ଜଣେ ଦକ୍ଷ ପ୍ରଶାସକ ଏବଂ ସୁଲେଖକ ଭାବେ ପରିଚିତ। କାଳିଜାଈଙ୍କ ପୀଠରେ ଆୟୋଜିତ କାର୍ଯ୍ୟକ୍ରମରେ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓ, ଉପଖଣ୍ଡ ପୋଲିସ ଅଧିକାରୀ କିଶୋର ଚନ୍ଦ୍ର ମୁଣ୍ଡ, କୃଷ୍ଣପ୍ରସାଦ ଆଇଆଇସି ଶରତ କୁମାର ନାୟକ, କୈଳାସ ଚନ୍ଦ୍ର ପଟ୍ଟନାୟକ, ବିରଞ୍ଚି ଦାସ, ପବିତ୍ର ମୋହନ ଦାସ, ଦୁର୍ଗାଚରଣ ସ୍ୱାଇଁ ପ୍ରମୁଖ ଶିବପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ୯୫ ଜଣଙ୍କ ହେଲା ଚକ୍ଷୁ ପରୀକ୍ଷା

ଟାଙ୍ଗୀ(ଖୋର୍ଦ୍ଧା),୧୫।୧(ଡି.ଏନ୍.ଏ.): ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବାଲିପାଟପୁରସ୍ଥିତ ମା' ମଙ୍ଗଳା ଯୁବକ ସଂଘ ଆନୁକୂଲ୍ୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର କର ଭିଜନ ଚକ୍ଷୁ ଚିକିତ୍ସାଳୟର ଡା. ବି.ପି. ସାମଲ ଓ ଡା. ଶତ୍ରୁଜିତ୍ ଶିବିରରେ ଯୋଗଦେଇ ୯୫ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ବୀରଞ୍ଚି ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତା, ଦେବେନ୍ଦ୍ର ବେହେରା ଯୋଗଦେଇଥିଲେ। ଚନ୍ଦ୍ରଶେଖର ବେହେରା, ଗୋପୀନାଥ ବେହେରା, କୃପାସିନ୍ଧୁ ବେହେରା, ଦୟାନିଧି ବେହେରା, ଅଜୟ ବେହେରା ଶିବିର ପରିଚାଳନା କରିଥିଲେ।

### ବିଜୟ ସଭାପତି, ଡମ୍ବରୁଧର ସମ୍ପାଦକ ମନୋନୀତ

ନିରାକାରପୁର,୧୫।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ରବିବାର ଚାଷୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ୨୧ଜଣ ପରିଚାଳନା କମିଟିରେ ରହିଥିବା ବେଳେ ୭ଜଣ କୋର୍ କମିଟିରେ ରହିଛନ୍ତି। ସଭାପତିଭାବେ ବିଜୟ କୁମାର ଜୟସିଂହ, ଉପସଭାପତି ଭାସ୍କର ପ୍ରଧାନ, କାବୁ ପ୍ରଧାନ, ସମ୍ପାଦକ ଡମ୍ବରୁଧର ପରିଡ଼ା, ସହ ସମ୍ପାଦକ ଆଶିଷ ସାହୁ ଓ ସନ୍ତୋଷ ବେହେରା, କୋଷାଧକ୍ଷ ଭାବେ ବିପିନ ରାଉତରାୟ ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ବିପିନ ଜୟସିଂହ, ରବୀନ୍ଦ୍ର ରାଉତରାୟ, ରବି ମାଝି, ଅଇଁଠା ରାଉତରାୟ ମନୋନୀତ ହୋଇଛନ୍ତି। ସ୍ୱପ୍ନେଶ୍ୱର ରାଉତରାୟ ଧନ୍ୟବାଦ ଦେଇଥିଲେ।

# ଲାଇଫ୍ ଜ୍ୟାକେଟ୍ ନ ଥିଲେ ଡଙ୍ଗା ମନା

**ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପ୍ରଶାସନର ତତ୍ପରତା**

ବାଲୁଗାଁ,୧୫।୧(ଡି.ଏନ୍.ଏ.)

ମକର ମେଳା ଅବସରରେ କଟକ ବଡ଼ମ୍ବାସ୍ଥିତ ଟି-ବ୍ରିଜ୍‌ରେ ଦଳାଚକଟା ଯୋଗୁ ଜଣେ ମହିଳାଙ୍କ ମୃତ୍ୟୁ ଏବଂ ଚିଲିକାରେ ଘନକୁହୁଡ଼ି ଲାଗି ୫୦ରୁ ଊର୍ଦ୍ଧ୍ୱ ଡଙ୍ଗା ବାଟବଣା ଘଟଣାକ୍ରମେ ପର୍ଯ୍ୟଟକଙ୍କ ସୁରକ୍ଷା ନେଇ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ କଟକଣା ଜାରି କରାଯାଇଛି। ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ରବିବାର ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଚିଲିକାରେ ଯାତ୍ରୀ ସୁରକ୍ଷା ଓ କୋଭିଡ୍ ସଚେତନତା ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି।

ବାଲୁଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସଭାରେ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ନୌସେନା ଚିଲିକା ଲେଫ୍ଟନାଣ୍ଟ କମାଣ୍ଡର ଶିବନାରାୟଣ ସିଂ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନ, ବାଲୁଗାଁ ଏବଂ ବଡ଼କୁଳସ୍ଥିତ ମୋଟରବୋଟ୍ ସଂଘ ସଭାପତି ଓ ସମ୍ପାଦକ, ଶାନ୍ତି କମିଟି ସଦସ୍ୟ, ଅନ୍ତର୍ଦେଶୀୟ ଜଳପଥ ପରିବହନ ବିଭାଗ, ଅଗ୍ନିଶମ ବିଭାଗ, ରାଜସ୍ୱ ବିଭାଗ, ମତ୍ସ୍ୟ ବିଭାଗ, ବାଲୁଗାଁ, ନାରୁଣୀ ଓ ନାଭାଲ ପୋଲିସ ପ୍ରମୁଖ ଯୋଗଦେଇଥିଲେ। ଚିଲିକାରେ ଯାତ୍ରୀ ପରିବହନ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ଏବଂ ତାହାର ନିରାକରଣ ଦିଗରେ ମତାମତ ଲୋଡ଼ାଯାଇଥିଲା। ଯାତ୍ରୀଙ୍କ ସୁରକ୍ଷା ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ନିମନ୍ତେ ୧୫ରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଗୃହୀତ ହୋଇଥିଲା। ବିଶେଷକରି ପ୍ରତିକୂଳ ପାଗ ଏବଂ ବିନା ଲାଇଫ ଜ୍ୟାକେଟ୍‌ରେ ପର୍ଯ୍ୟଟକଙ୍କୁ ନେଇ ଚିଲିକାରେ ଡଙ୍ଗା ପ୍ରବେଶକୁ ବାରଣ କରାଯାଇଛି। ପ୍ରତି ଡଙ୍ଗା ୨ ଚାଳକ ଓ ୧୦ ଜଣ ଯାତ୍ରୀଙ୍କୁ ନେଇ ଯାତ୍ରା କରିବ। ଅପରାହ୍ନ ୪ଟା ପରେ କୌଣସି ଡଙ୍ଗା ଚିଲିକା ମଧ୍ୟକୁ ଭ୍ରମଣରେ ଯାଇପାରିବ ନାହିଁ। ସନ୍ଧ୍ୟା ୬ଟା ମଧ୍ୟରେ ଚିଲିକା କୂଳରେ ଡଙ୍ଗା ପହଞ୍ଚିବା ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ ଡଙ୍ଗାର ଫିଟ୍‌ନେସ୍ ଲାଇସେନ୍ସ, ବୀମାକରଣ ଏବଂ ଜରୁରିକାଳୀନ ଚିକିତ୍ସା ସାମଗ୍ରୀ ଆଦି ରଖିବା ବାଧ୍ୟତାମୂଳକ। ପ୍ରତି ଡଙ୍ଗାରେ ଲାଇସେନ୍ସ ନମ୍ବର, ବୈଧ ବୀମାକରଣ, ଫିଟନେସ୍ ଏବଂ ଜରୁରିକାଳୀନ ମୋବାଇଲ ନମ୍ବର ସାର୍ବଜନୀନ ଉଦ୍ଦେଶ୍ୟରେ ଫଳକ ଲାଗିବ। ଜେଟିରେ ମଧ୍ୟ ପର୍ଯ୍ୟଟକଙ୍କ ସୂଚନା ନିମନ୍ତେ ପ୍ରଶାସନିକ କଟକଣାର ଲିଖିତ ଫଳକ ଲଗାଯିବ। ଅନ୍ତର୍ଦ୍ଦେଶୀୟ ଜଳପଥ ପରିବହନ ବିଭାଗ, ମତ୍ସ୍ୟ ବିଭାଗ, ରାଜସ୍ୱ ବିଭାଗ ଏବଂ ପୋଲିସ କର୍ମଚାରୀଙ୍କୁ ନେଇ ଏକ ଟାସ୍କ ଫୋର୍ସ ଟିମ୍ ଚିଲିକାରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଡଙ୍ଗା ଯାଞ୍ଚ କରି ସରକାରୀ ନିୟମ ମୁତାବକ ଆବଶ୍ୟକ ସାମଗ୍ରୀ ଓ କାଗଜାତ୍ ଅଛି କି ନାହିଁ ରିପୋର୍ଟ କରିବ। ଖିଲାପକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ। ପର୍ଯ୍ୟଟକଙ୍କୁ ଲାଇଫ ଜ୍ୟାକେଟ୍ ପରିଧାନ ପରେ ଡଙ୍ଗାକୁ ପ୍ରବେଶ ନିମନ୍ତେ ଅନୁମତି ଦିଆଯିବ। ଏହା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ଜେଟିଠାରେ ସିସି କ୍ୟାମେରା ଖଞ୍ଜାଯିବ। ମାଛମରା ଡଙ୍ଗାରେ ଯଦି ଯାତ୍ରୀ ପରିବହନ ନଜର ଆସନ୍ତି ତେବେ ସମ୍ପୃକ୍ତ ଡଙ୍ଗା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡଙ୍ଗା ମାଲିକଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଲାଇଫ ଜ୍ୟାକେଟ୍ ନ ଥିବାରୁ ଆବଶ୍ୟକ ସମୟରେ ନୌସେନାକୁ ଅନୁରୋଧ କରାଯିବ। ପର୍ଯ୍ୟଟନ ଋତୁ ଦୁଇମାସ ପାଇଁ ଯାତ୍ରୀଙ୍କ ସୁରକ୍ଷା ଲାଗି ନୌସେନାର ଦୁଇଟି ସ୍ପିଡ୍ ବୋଟ୍ ଚିଲିକାରେ ପଇଁତରା ମାରିବେ ବୋଲି ଉପସ୍ଥିତ କମାଣ୍ଡିଂ ଅଫିସର ସିଂ କହିଥିଲେ। ଚିଲିକା କୂଳ ଜେଟିରେ ଡଷ୍ଟବିନ୍‌ର ବ୍ୟବସ୍ଥା କରାଯିବ। ପର୍ଯ୍ୟଟକ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଜେଟି ନିକଟରେ ପୋଲିସ୍‌ର ସହାୟତା ପାଇଁ ଯୋଗାଯୋଗ ନମ୍ବର ଫଳକ ଲଗାଯିବ ବୋଲି ଏସ୍‌ଡିପିଓ ବାରିକ କହିଛନ୍ତି। ଜିଲାପାଳଙ୍କ ଅନୁମୋଦନକ୍ରମେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ଚିଲିକା ତହସିଲଦାର ପ୍ରଦୀପ କୁମାର ସାହୁ କହିଛନ୍ତି । ଶେଷରେ ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ସାଧାରଣ ସଭାରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

## ସମସ୍ତ ଭାଷା ସହ ସମନ୍ୱୟ ରଖେ ହିନ୍ଦୀ

ବେଗୁନିଆ,୧୫।୧(ଡି.ଏନ୍.ଏ.)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀରସ୍ଥିତ ମା'ରାମଚଣ୍ଡୀଙ୍କ ପୀଠରେ ହିନ୍ଦୀ ବିଦ୍ୟାପୀଠର ୪୦ତମ ସାମୂହିକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାପୀଠର ପ୍ରତିଷ୍ଠାତା ବଳରାମ ରଣସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ ଡ. ବନ ବିହାରୀ ମହାପାତ୍ର ଯୋଗଦେଇଥିଲେ। ବକ୍ତାଭାବେ ନୟାଗଡ଼ ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ କେଶବ ଚନ୍ଦ୍ର ରାଉତରାୟ ଏବଂ ରାଷ୍ଟ୍ରଭାଷା ପରିଷଦ ପୁରୀ ଉପସଭାପତି ସଚ୍ଚିଦାନନ୍ଦ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସମସ୍ତ ଭାଷା ସହ ସମନ୍ୱୟ ରଖେ ହିନ୍ଦୀ ବୋଲି ମତପ୍ରକାଶ ପାଇଥିଲା। ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ୨୧ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରସ୍ୱତୀ ବିଶାଳ, ପ୍ରଦୀପ୍ତ ବାରିକ ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର ସମ୍ପର୍କରେ ଆଲୋକପାତ କରିଥିଲେ। ସାରସ୍ୱତ ସାଧକ ଡ.ବନ ବିହାରୀ ମହାପାତ୍ରଙ୍କ ରଚିତ ପୁସ୍ତକ 'ବିଚିତ୍ର ବର୍ଣ୍ଣ' ଉନ୍ମୋଚନ କରାଯାଇଥିଲା। ଶିକ୍ଷକ ନାରାୟଣ ଦାସ ଧନ୍ୟବାଦ ଦେଇଥିଲେ।


**ଖୋର୍ଦ୍ଧା:** ଅତ୍ରିସ୍ଥିତ ଉଷ୍ମ ପ୍ରସ୍ରବଣ ପରିସରରେ ଜିଲା ପ୍ରଶାସନ ଓ ହଟ୍ଟକେଶ୍ୱର ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଚାଲିଥିବା ମକର ମହୋତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ନେତାଜୀ ଜୟନ୍ତୀ ଉପଲକ୍ଷେ ପ୍ରତିଯୋଗିତା

ଖୋର୍ଦ୍ଧା ଅଫିସ,୧୫।୧

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜୟନ୍ତୀ କମିଟି ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ରବିବାର ବୀଣାପାଣି ଶିଶୁ ମନ୍ଦିରରେ ସ୍କୁଲ ଓ କଲେଜ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନେତାଜୀଙ୍କ ତ୍ୟାଗ, ଆଦର୍ଶ ଜୀବନୀ ସମ୍ପର୍କରେ ପିଲାଙ୍କ ମଧ୍ୟରେ ଜାଗରଣ ଉଦ୍ଦେଶ୍ୟରେ ପିଲାଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବକ୍ତୃତା, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। କମିଟିର ଜିଲା ସଭାପତି ଶିକ୍ଷାବିତ ବୈକୁଣ୍ଠନାଥ ରାଜଗୁରୁ, ପ୍ରଫୁଲ୍ଲ ସାମନ୍ତରାୟ, ସମ୍ପାଦକ ଜୟନ୍ତ ମହାନ୍ତି, ଅନୁପମ ମହାନ୍ତି, ଶ୍ରୀକାନ୍ତ ନାୟକ, ରାକେଶ କୁମାର କାଣ୍ଡି, ନାରାୟଣ ସୁବୁଦ୍ଧି ପ୍ରମୁଖ ପରିଚାଳନା କରିଥିଲେ। ଜୟନ୍ତୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ସେହିପରି ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ଉପଲକ୍ଷେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ନୂଆଗାଁ ଉଇଲକିଶନ ନଗରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୁମାରବସ୍ତ, ନୂଆଗାଁ, ଗୁରୁଜଙ୍ଗ, ମହୁଲ, ଅରାଙ୍ଗ ଓ ପାଇକତିଗିରିଆ ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ କମିଟି ସମ୍ପାଦକ ଅବିନାଶ ପ୍ରଧାନ, ସାଗର ସାହୁ, ଓମକାର ପ୍ରଧାନ, ଚନ୍ଦ୍ରକାନ୍ତ ବିଶ୍ୱାଳ, ରିତେଶ ସାହୁ, ସୁସ୍ମିତା ସେଠୀ, ରୁଦ୍ର ନାରାୟଣ ବେହେର, ଜନାର୍ଦ୍ଦନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## କଳା, ସଂସ୍କୃତିକୁ ଉଜ୍ଜୀବିତ ରଖେ ମହୋତ୍ସବ

ଖୋର୍ଦ୍ଧା ଅଫିସ,୧୫।୧

**ଅତ୍ରି ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଖୋର୍ଦ୍ଧାର ଅତ୍ରିସ୍ଥିତ ଉଷ୍ମ ପ୍ରସ୍ରବଣ ପରିସରରେ ଜିଲା ପ୍ରଶାସନ ଓ ହଟ୍ଟକେଶ୍ୱର ମହୋତ୍ସବ କମିଟିର ମିଳିତ ଆନୁକୂଲ୍ୟରେ ଚାଲିଥିବା ମକର ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ବକ୍ତା, ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିରଞ୍ଜନ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତି ଓ କଳାକୁ ମହୋତ୍ସବ ଉଜ୍ଜୀବିତ ରଖେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶୁଭକାନ୍ତ ମହାପାତ୍ର, ଗୌରାଙ୍ଗ ପୃଷ୍ଟ ଓ ବାସୁଦେବ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ନୌସେନା କର୍ମଚାରୀ ଗୋପୀନାଥ ସେଠୀ ଓ ପ୍ରସନ୍ନ କୁମାର କହଲସିଂହ ସଂଯୋଜନା କରିଥିଲେ। ଶୀତୁଆ ସନ୍ଧ୍ୟାରେ ଓଡ଼ିଶୀ, ସମ୍ବଲପୁରୀ, ଶିଳ୍ପିକା ମଡର୍ନ ଡ୍ୟାନ୍ସ ଓ ଗୋଟିପୁଅ ନୃତ୍ୟ ମନ ମୋହିଥିଲା। ତେବେ ଦ୍ୱିତୀୟ ଦିବସରେ ମଞ୍ଚରେ ବହୁ ନେତା ବସିଥିବା ବେଳେ ହାତ ଗଣତି କର୍ମୀ, ନେତାଙ୍କୁ ବାଦ ଦେଲେ ତଳେ ଚୌକି ଫାଙ୍କା ରହିଥିବା ଦେଖିବାକୁ ମିଳିଥିଲା। ଚଳିତବର୍ଷ ମହୋତ୍ସବରେ ପ୍ରଶାସନ ପକ୍ଷରୁ ପଲ୍ଲୀଶ୍ରୀ ମେଳା ଚାଲିଛି। ଶ୍ରୀଜଗନ୍ନାଥ ଚେତନା ପରିଷଦ ଖୋର୍ଦ୍ଧା ପକ୍ଷରୁ ମହାପ୍ରଭୁଙ୍କ ବିଭିନ୍ନ ବେଶ ପ୍ରଦର୍ଶନୀ କରାଯାଇଛି। ଲୋକେ ମହାପ୍ରଭୁଙ୍କ ବେଶ ଉପଭୋଗ କରୁଛନ୍ତି। ବିଶ୍ୱ ହକିକପ ଉପଲକ୍ଷେ ଓଲି ସେଲ୍ଫି ପଏଣ୍ଟ କରାଯାଇଛି। ପଡ଼ିଆ ଭିତରେ ମହାଦେବ ଓ ଗୌତମ ବୁଦ୍ଧ, ସାଇବାବା, ଶଗଡ଼ ଗାଡ଼ି ମୁଖ୍ୟ ଆକର୍ଷଣ ପାଲଟିଛି। ଲୋକେ ସେଲ୍‌ଫି ନେବା ସହ ମଜା ଉଠାଉଛନ୍ତି। ଏଥିସହିତ ବିଭିନ୍ନ ଫୁଡ ଷ୍ଟଲରେ ଦର୍ଶକଙ୍କ ଭିଡ଼ ଜମୁଛି।


ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୃଷ୍ଣପ୍ରସାଦ,୧୫।୧(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପାରିକୁଦ ୟୁଥ କ୍ଲବ ପକ୍ଷରୁ ଚନ୍ଦନ ପଡ଼ିଆରେ ୨୭ତମ ବାର୍ଷିକ ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କୃଷ୍ଣପ୍ରସାଦ ସରପଞ୍ଚଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ମଦନ ମୋହନ କ୍ରିକେଟ ଟିମ୍ ନୂଆପଡ଼ା ଏବଂ ତ୍ର୍ୟମ୍ବକେଶ୍ୱର କ୍ରିକେଟ ଟିମ୍ ଖଟିଆକୁଦି ମଧ୍ୟରେ ମ୍ୟାଚ୍ ହୋଇଥିଲା। ନୂଆପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ସମସ୍ତ ଉଇକେଟ ବିନିମୟରେ ୭୮ରନ ସଂଗ୍ରହ କରିଥିଲା। ଜବାବରେ ଖଟିଆକୁଦି ଟିମ୍ ଆବଶ୍ୟକ ରନ ସଂଗ୍ରହ ନ କରିପାରି ପରାଜିତ ହୋଇଥିଲା। ତୁଷାର ବିଶ୍ୱାଳ ଓ ଆଲୋକ ସିଂହ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୀମାଞ୍ଚଳ ପ୍ରଧାନ, ସୁରେନ୍ଦ୍ର ମିଶ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ସୌମ୍ୟ ରଞ୍ଜନ ସିଂହ, ଚିନ୍ମୟ କୁମାର ମାଝୀ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## 'ସାହିତ୍ୟରେ ଜାତୀୟତାବୋଧ ରହୁ'



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଖୋର୍ଦ୍ଧା ଅଫିସ,୧୫।୧

**ସାରସ୍ୱତ ଉତ୍ସବ ଓ ସମ୍ବର୍ଦ୍ଧନା**

ଜରିପୁଟସ୍ଥିତ ମା' ମଙ୍ଗଳା ସାହିତ୍ୟ ସଂସଦର ୨୩ତମ ବାର୍ଷିକ ସାରସ୍ୱତ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପ୍ରତିଷ୍ଠାତା ସମ୍ପାଦକ ନୀଳାଦ୍ରିନାଥ ଜଗଦ୍ଦେବଙ୍କ ସଭାପତିତ୍ୱରେ ଗୋପୀନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଶରତ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଦିଲ୍ଲୀପ କୁମାର ମହାନ୍ତି ମୁଖ୍ୟବକ୍ତା ଏବଂ ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ, ରଙ୍କନାଥ ସେଠୀ, ଇଂ. ରଶ୍ମିରଞ୍ଜନ ରାୟ, ନରେଶ ଚନ୍ଦ୍ର ରାୟ ମହାପାତ୍ର, ମାନସ କୁମାର ପଟ୍ଟନାୟକ, ଡ. ଶରତ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜାତୀୟତାବୋଧ ତଥା କାଳଜୟୀ କବିତା ଓ ସାହିତ୍ୟ ସର୍ଜନା ପାଇଁ ଆହ୍ୱାନ ଦେଇଥିଲେ। କବି ଗୋବିନ୍ଦ ଚନ୍ଦ୍ର ମହାରଣା, କବୟିତ୍ରୀ କୁନ୍ତଳା କୁମାର ବେହେରା, କୈଳାସ ଚନ୍ଦ୍ର ପୃଷ୍ଟି ଓ ବିକ୍ରମ କେଶରୀ ଚମ୍ପତିଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ବିଭିନ୍ନ ଜିଲାରୁ ଆସିଥିବା ୫୭ଜଣ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ପ୍ରତିଭା-୨୩ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂସଦ ପକ୍ଷରୁ ବିଭିନ୍ନ ପ୍ରତିଭାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ହରିଚନ୍ଦନ ଅତିଥି ପରିଚୟ ଦେଇଥିବା ବେଳେ ଡ. ଚପଳା ପଣ୍ଡା ଧନ୍ୟବାଦ ଦେଇଥିଲେ। ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଇତିଶ୍ରୀ ସାହୁ, ଜ୍ୟୋତି ରଞ୍ଜନ ସାହୁ, ସୁଶାନ୍ତ ହରିଚନ୍ଦନ ଓ ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସୁଜିତ୍ ଏଫ୍‌ସି ଫୁଲବାଣୀ ବିଜୟୀ

**ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବୋଲଗଡ଼,୧୫।୧(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ଦେଉଳି ଗ୍ରାମ ତୁଳସୀ ବେରେଣା ଖେଳପଡ଼ିଆରେ ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟ କମିଟି ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସରେ ଫୁଲବାଣୀର ସୁଜିତ୍ ଏଫ୍‌ସି ଓ ବାରିପଦାର ଟିସି କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ସୁଜିତ ଏଫ୍‌ସି ୨-୦ ଗୋଲରେ ଟିସି କ୍ଲବକୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ବିଜେଡି ପର୍ଯ୍ୟବେକ୍ଷକ ବୁଟୁ କୈଳାସ ପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ଉପସଭାପତି ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ, ୨୭ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ସମିତିସଭ୍ୟ ଦିଲୀପ ମହାପାତ୍ର, ରଞ୍ଜନ ଲେଙ୍କା, ତୋଫାନ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ନାମେଣ୍ଟକୁ ଗୋପାଳପୁର ପଞ୍ଚାୟତର ଦେଉଳି, ଜାମୁସାହି, ନୂଆପଲ୍ଲୀ, ତୁଳସୀବେରେଣା ଓ ପାରିଖେତା ଗ୍ରାମବାସୀ ମିଳିତଭାବେ ଆୟୋଜନ କରିଥିବା ବେଳେ ମ୍ୟାଚ୍ ଦେଖିବା ପାଇଁ ଶତାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଉଦ୍‌ଯାପିତ

ଜଟଣୀ,୧୫।୧(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳ ରେତଙ୍ଗ କଲୋନୀ ସ୍ଥିତ ମାତୃ ଭବନଠାରେ ୬୧ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ରର ଦୁଇ ଦିନିଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳେ ଅଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ଶ୍ରୀତନୁ ସ୍ମାରକୀ ପୀଠରେ ଜଟଣୀ ମାତୃଭବନର ସଭାପତି ଭ୍ରମରବର ମହାପାତ୍ର ଓ ସମ୍ପାଦକ ମାତୃ ପ୍ରସାଦ ପାଣିଙ୍କ ଉପସ୍ଥିତରେ ସମାଧି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ 'ଶାରୀରିକ ଓ ପ୍ରାଣିକ ତପସ୍ୟା' ବିଷୟ ଉପରେ ଆଲୋଚନା କରଯାଇଥିଲା। ରବିବାର 'ମାନସିକ ତପସ୍ୟା' ଉପରେ ଆଲୋଚନା କରାଯାଇ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ସହିତ ଶ୍ରୀଅରବିନ୍ଦଙ୍କ ଶିକ୍ଷାଦର୍ଶନର ପ୍ରତିଫଳନ ଉପରେ ଆଲୋଚନା କରାଯାଇଥିଲା। ସନ୍ଧ୍ୟାରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରେ କ୍ରୀଡ଼ା

ଖୋର୍ଦ୍ଧା ଅଫିସ,୧୫।୧



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପୂର୍ବ ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ରବିବାର ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ବିଜେବି ହାଇସ୍କୁଲ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ସମ୍ଭାଗ ଅନ୍ତର୍ଗତ ଖୋର୍ଦ୍ଧା ସମେତ ନୟାଗଡ଼, ପୁରୀ ଓ ଜଗତ୍‌ସିଂହପୁର ଜିଲାରୁ ପ୍ରାୟ ୪ଶହ ଛାତ୍ରୀଛାତ୍ର ଏବଂ ୨୦ଜଣ ଅଫିସିଆଲ ଯୋଗଦେଇଛନ୍ତି। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡ଼ା ସମାରୋହ ଉଦ୍‌ଘାଟନୀ ଦିବସରେ ପ୍ରାକ୍ତନ ପ୍ରଶାସକ ସୁରେଶ କୁମାର ଛୋଟରାୟ ମୁଖ୍ୟଅତିଥି, ସମ୍ଭାଗ ସଭାପତି କୁଳମଣି ମିଶ୍ର, ସମ୍ଭାଗ ସଂଯୋଜକ ଶିରିଶ କୁମାର ହାତୀ ଓ ଶିଶୁ ବିଦ୍ୟାମନ୍ଦିର ଖୋର୍ଦ୍ଧା ପ୍ରଧାନାଚାର୍ଯ୍ୟ ଗିରିଜା ପ୍ରସାଦ ମହାପାତ୍ର, ପରିଚାଳନା କମିଟି ସମ୍ପାଦକ ଅଜିତ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପରେଡ ଅଭିଭାଦନ ଗ୍ରହଣ କରିବା ସହ ପତାକା ଉତ୍ତୋଳନ କରି ଓ ମଶାଲ ଜାଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପାଠପଢ଼ା ସହ ଖେଳକୁଦର ଏକ ପ୍ରମୁଖ ଭୂମିକା ରହିଛି। ଏହା ଅନ୍ତର୍ନିହିତ ପ୍ରତିଭା ବିକାଶ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିଥାଏ। ଶାରୀରିକ, ମାନସିକ ବିକାଶ ଦିଗରେ ଖେଳକୁଦର ପ୍ରଭାବ ପଡ଼ିଥାଏ ବୋଲି ଅତିଥିମାନେ କହିଥିଲେ। ସମ୍ଭାଗ ସଂଯୋଜକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବାବେଳେ ସମ୍ଭାଗ ଖେଳକୁଦ ପ୍ରମୁଖ ଗଣେଶ୍ୱର ସ୍ୱାଇଁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଦିଲୀପ କୁମାର କର, ଜୟଶ୍ରୀ ସିଂହଦେଓ, ନମିତା ମିଶ୍ର, ପବିତ୍ର ପ୍ରଧାନ, ପ୍ରହ୍ଲାଦ ସାହୁଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ସହଯୋଗ କରିଥିଲେ।

**■ ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ**

**■ ଯୋଗଦେଇଛନ୍ତି ୪ଶହ ଛାତ୍ରୀଛାତ୍ର, ୨୦ ଅଫିସିଆଲ**

## ଚୋରା ବାଇକ୍ ଜବତ ,୨ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ମଞ୍ଚେଶ୍ୱର ଥାନା ପୋଲିସ ୨ ବାଇକ ଲୁଟେରାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା ଅଞ୍ଚଳର ତପନ ଭୋଇ ଓ କଟକର ଦୀପକ ଭୋଇ। ସେମାନଙ୍କଠାରୁ ଗୋଟିଏ ଚୋରା ବାଇକ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ତପନଙ୍କ ନାମରେ ବାଲିଅନ୍ତା ଥାନାରେ ପୂର୍ବରୁ ୩ଟି ମାମଲା ରହିଛି। ଏନେଇ ବାଇକ ଚୋରି ହୋଇଥିବା ପ୍ରଦୀପ କୁମାର ସାହୁ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ।

**ସଂକ୍ଷେପରେ**

### ନୋସାକା ପକ୍ଷରୁ ଗଠନ ହେବ ଜିଲାସ୍ତରୀୟ କମିଟି

ଭୁବନେଶ୍ୱର, ୧୫ା୧ (ବ୍ୟୁରୋ)- ଉତ୍ତର ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ସଙ୍ଗଠନ (ନୋସାକା) ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ସରୋଜ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଦସ୍ୟମାନେ ନିଜର ପ୍ରସ୍ତାବ ରଖିଥିଲେ। ନିଷ୍ପତ୍ତି ଅନୁସାରେ, ଆଗାମୀ ଦିନରେ ମହାପୁରୁଷଙ୍କ ଜୟନ୍ତୀ, ରକ୍ତଦାନ ଶିବିର, ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ପାଇଁ ଉତ୍ତର ଓଡିଶାର ୪ଟି ଜିଲାରେ ଜିଲାସ୍ତରୀୟ କମିଟି ଗଠନ କରାଯିବ। ଏଥିସହ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ସଂଗଠନ ପକ୍ଷରୁ ସ୍ୱାଗତ କରିବା ସହିତ ସମସ୍ତଙ୍କୁ ବିଭିନ୍ନ ବିଭାଗ ପାଇଁ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଆବାହକ ରୂପେ ସୁବ୍ରତ ବିଶ୍ୱାଳ, ରାଜା ଘୋଷ, ଦେବେଶ ଦାସଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ସାଂସ୍କୃତିକ ସଂଯୋଜକ ଭାବେ ଅଧ୍ୟାପିକା ଅମୀୟବାଳା ପରିଡ଼ା, ଟିଭି ଉପସ୍ଥାପକ ସୂର୍ଯ୍ୟ ରାଉତ, ଶତାବ୍ଦୀ ପଲାଇ, ଗଣମାଧ୍ୟମ ସଂଯୋଜକ ରୂପେ ଦୁର୍ଗାମାଧବ ରଥ, ସତ୍ୟଜିତ ରାଉତ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଅଧ୍ୟକ୍ଷ ଗୌତମ ବୁଦ୍ଧ ଦାସ, ଉପାଧ୍ୟକ୍ଷ ଡ. ପ୍ରକାଶ ତ୍ରିପାଠୀ, ରାମଜୀବନ ଗୋଛାୟତ, କାର୍ଯ୍ୟକାରୀ ସଭାପତି ବେଣୁଧର ବିଶାଳ, ଜୟରାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ତ୍ରିନାଥ ଦେବଙ୍କ ମକରମେଳା ଉଦ୍‌ଯାପିତ

ବାରଙ୍ଗ,୧୫ା୧(ଡି.ଏନ୍.ଏ.): ଦାରୁଠେଙ୍ଗ ଗଡ଼ସାହି ସତ୍‌ସଙ୍ଗ ଭଜନ ଗୋଷ୍ଠୀ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା ତ୍ରିନାଥ ଦେବଙ୍କ ମକରମେଳା ଗଡ଼ସାହି ଭାଗବତ ଗୃହରେ ପାଳିତ ହୋଇଯାଇଛି। ଶନିବାର ଅଧିବାସ ରାତ୍ରିରେ ଭଜନ ଗାୟନ କରାଯାଇଥିଲା। ରବିବାର ସକାଳେ ଦୁଇଜଣ ଗାୟକଙ୍କଦ୍ୱାରା ପୁରାଣବର୍ଣ୍ଣିତ (ମାତୃଗର୍ଭରେ ଜ୍ଞାନ) ଉପରେ ଆଲୋଚନା ହୋଇଥିଲା। ଦୃଷ୍ଟିବାଧିତ ଗାୟିକା ପ୍ରଭାସିନୀ ଭୋଇ ଓ ଗାୟିକା ଅନିତାରାଣୀ ବେହେରା ଆଲୋଚନା କରିଥିଲେ। ଉଦ୍‌ଯାପନ ଅବସରରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ସରପଞ୍ଚ ତପନ କୁମାର ଚକ୍ରବର୍ତ୍ତୀ, ଭୁବନେଶ୍ୱର ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଶ୍ରୀଚନ୍ଦନ, ସନ୍ତୋଷ ଜେନା, ପ୍ରଦୀପ ସ୍ୱାଇଁ ଅତିଥିଭାବେ ଯୋଗଦେଇଥିଲେ। ବିନୋଦ ଭୋଇ, ଛବି ଭୋଇ, କବିରାଜ ଭୋଇ, ରଞ୍ଜିତ କାଣ୍ଡି, ରୋହିତ, ସୁକାନ୍ତ ବେହେରା, ବଳରାମ ଭଞ୍ଜ, ନବକିଶୋର ଭୋଇ, କୁନା ବେହେରା, ଗୋବିନ୍ଦ ଭଞ୍ଜ, ଶାଲୁ କାଣ୍ଡି ପରିଚାଳନା କରିଥିଲେ।

### ସୁନା ଚେନ ଲୁଟିନେଉଥିବା ଲୁଟେରା ଗିରଫ

ଭୁବନେଶ୍ୱର,୧୫ା୧(ବ୍ୟୁରୋ): ସୁନା ଚେନ୍ ଝାମ୍ପି ନେଇ ଫେରାର ହେଉଥିବାବେଳେ ଜଣେ ଲୁଟେରା ଧରାପଡ଼ିଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଉତ୍ତମମଧ୍ୟମ ଦେଇ ପୋଲିସ ଜିମା ଦେଇଛନ୍ତି। ସେ ହେଲେ ଭରତପୁର ଥାନା ଅନ୍ତର୍ଗତ ରାମୁଲ ରାଓ (୨୨)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ରାମୁଲଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କ ନାମରେ ଭରତପୁର ଥାନାରେ ପୂର୍ବରୁ ମଧ୍ୟ ଗୋଟିଏ ମାମଲା ରହିଛି। ତେବେ ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ସୁନା ଚେନ ନେଇ ଫେରାର ହୋଇଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ବ୍ୟକ୍ତି ଜଣକ ସ୍ତ୍ରୀ ଓ ପୁଅଙ୍କ ସହ ବାଇକରେ ବରମୁଣ୍ଡା ଅଞ୍ଚଳକୁ ଯାଉଥିବା ସମୟରେ ଅଭିଯୁକ୍ତ ଦ୍ୱୟ ଏକ ବାଇକ୍‌ରେ ପିଛା କରିଥିଲେ। ପରେ ଅତି ନିକଟତର ହୋଇ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ପଳାଉଥିଲେ। ହେଲେ ଏହି ସମୟରେ ଅଭିଯୁକ୍ତ ରାମୁଲ ଖସି ପଡ଼ିଥିଲେ।

# ରାସ୍ତାରେ ପୋଲିସ୍ ପହରା , ମୋ ବସ୍‌ରେ ସକ୍ରିୟ ଲୁଟେରା

## ଗୋଟିଏ ଦିନରେ ୨ ଛାତ୍ରଙ୍କଠାରୁ ମୋବାଇଲ ଫୋନ୍ ଚୋରି

ଭୁବନେଶ୍ୱର,୧୫ା୧(ବ୍ୟୁରୋ): ହକି ବିଶ୍ୱକପ୍ ଓ ଡଟ୍ ଫେଷ୍ଟ ପାଇଁ ପୋଲିସ ରାସ୍ତାଘାଟଠାରୁ ଆରମ୍ଭ କରି ଛକ ଛକରେ ଚେକିଂ କରିବା ସହ ପଇଁତରା ମାରୁଛି। ଏପଟେ ମୋ ବସ୍ ଭିତରେ ଭିଡ଼ର ସୁଯୋଗ ନେଇ ଲୁଟେରା ଓ ଚୋର ଗ୍ୟାଙ୍ଗ ପୁଣି ମାତିଛନ୍ତି। ଗୋଟିଏ ଦିନରେ ମୋ ବସ୍ ଭିତରୁ ୨ଜଣ ଛାତ୍ରଙ୍କଠାରୁ ୨ଟି ମୋବାଇଲ ଫୋନ୍ ଚୋରି କରି ଦୁର୍ବୃତ୍ତମାନେ ଖସି ପଳାଇଛନ୍ତି। ଚୋରିର ଶିକାର ହୋଇଥିବା ଛାତ୍ରଦ୍ୱୟ ହେଲେ ଦେବାଶିଷ ଦାଶ ଓ ରଶ୍ମିରଞ୍ଜନ ସାହୁ। ସେମାନେ ଜୟଦେବ ବିହାରରୁ ୧୮ ନମ୍ବର ମୋ ବସ୍‌ରେ ଯାଉଥିବାବେଳେ ଏହି ଘଟଣା ଘଟିଛି। ଚୋରି ସମ୍ପର୍କରେ ଜାଣିବା ପରେ ଛାତ୍ରଦ୍ୱୟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

ସୂଚନାନୁସାରେ, ରବିବାର ପୂର୍ବାହ୍ନ ୧୧ଟାରେ ଆଚାର୍ଯ୍ୟ ବିହାରରେ ରହୁଥିବା ଦେବାଶିଷ ଘରକୁ ଯିବା ଲାଗି ଜୟଦେବ ବିହାରକୁ ଆସି ମୋ ବସ୍‌ରେ ଚଢ଼ିଥିଲେ। କିଛି ବାଟ ଯିବା ପରେ ମେ' ଫେୟାର ଛକ ଆଗକୁ ତାଙ୍କ ପକେଟରେ ମୋବାଇଲ ଫୋନ୍ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ବସ୍‌ରେ ବସିଥିବା ଯାତ୍ରୀଙ୍କୁ ପଚରାଉଚରା କରିବା ସହ ବସ୍ କର୍ମଚାରୀଙ୍କୁ ଜଣାଇଥିଲେ। କର୍ମଚାରୀମାନେ ବସ୍ ରଖି ଯାଞ୍ଚ କରିଥିଲେ ମଧ୍ୟ ମୋବାଇଲ ଫୋନ୍ ମିଳି ନ ଥିଲା। ଏପରିକି ଉକ୍ତ ମୋବାଇଲକୁ ଫୋନ୍ କରାଯାଇଥିଲେ ମଧ୍ୟ ତାହା ସୁଇଚ୍ ଅଫ ଦେଖାଉଥିଲା। ସେହିପରି ମୋ ବସ୍‌ରେ ଯାଉଥିବା ଅନ୍ୟଜଣେ ଛାତ୍ର ରଶ୍ମିରଞ୍ଜନ ମଧ୍ୟ ଚୋରିର ଶିକାର ହୋଇଥିଲେ। ସେ ପରୀକ୍ଷା ଦେବାକୁ ଜୟଦେବ ବିହାରରୁ ପଟିଆ ଅଭିମୁଖେ ଯାଉଥିବାବେଳେ ଓମ୍‌ଫେଡ୍ ଛକଟି ମୋବାଇଲ ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ଚିତ୍କାର କରିବାରୁ ସେଠାରେ ଗାଡି ଅଟକି ଲୋକଙ୍କୁ ପୋଲିସ ଉପସ୍ଥିତିରେ ଯାଞ୍ଚ କରାଯାଇଥିଲା। ଏହି ସମୟରେ କିଛି ସମୟ ଯାତ୍ରୀଙ୍କ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ଦେଖାଯାଇଥିଲା। ବସ୍ ଭିତରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରାଯିବା ସହ ପକେଟ ମାର୍ କରିଥିବା ଦୁର୍ବୃତ୍ତଙ୍କୁ ଧରିବାକୁ ପୋଲିସ ତନାଘନା ଆରମ୍ଭ କରିଛି। ଅନ୍ୟପଟେ ଜନସାଧାରଣଙ୍କ ସୁବିଧା ପାଇଁ ଚାଲୁ ହୋଇଥିବା ମୋ ବସ୍ ସେବା ଏବେ ଲୋକଙ୍କ ପାଇଁ ପାଲଟିଛି ଅସୁବିଧା। ବାରମ୍ବାର ମୋ ବସରୁ ଚୋରି ହେଉଥିବା ନେଇ ବିଭିନ୍ନ ଥାନାରେ ଅଭିଯୋଗ ହେଉଛି। ପୋଲିସ୍‌ର କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ମୋ ବସ୍‌ରେ ଚୋରି ର୍‍ୟାକେଟ ସକ୍ରିୟ ରହିଛି।

## ୨ କାରକୁ ଧକ୍କା ଦେଲା ମୋ ବସ୍

ଭୁବନେଶ୍ୱର,୧୫ା୧(ବ୍ୟୁରୋ): କ୍ୟାପିଟାଲ ଥାନା ଅନ୍ତର୍ଗତ ରାଜଭବନ–ଗୋପବନ୍ଧୁ ଛକ ନିକଟ ରାସ୍ତାରେ ରବିବାର 'ମୋ ବସ୍' ୨ଟି କାରକୁ ଧକ୍କା ଦେଇଛି। ଏଥିରେ କାରଦ୍ୱୟ ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ସେଥିର ଥିବା ଲୋକଙ୍କର ସେପରି କିଛି କ୍ଷତି ହୋଇ ନ ଥିବା ଜଣାପଡିଛି। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ ପ୍ରବଳ ଟ୍ରାଫିକ୍ ଜାମ୍ ହୋଇଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ସୂଚନାନୁସାର, ସନ୍ଧ୍ୟା ସାଢ଼େ ୬ଟାରେ ଭିଜିଲାନ୍ସ ଅଫିସ୍ ଗଳିରୁ ଗୋପବନ୍ଧୁ ଛକ ଯାଏ ବେଆଇନ୍ ଭାବେ କାର୍ ପାର୍କିଂ ହୋଇଥିଲା। ରୁଟ୍ ନଂ.୨୩ରେ ଚଳାଚଳ କରୁଥିବା ମୋ ବସ୍ ନଂ.ଓଡି ୩୩ ଏଏଚ ୦୧୫ ଆଇସିଆଇସି ବ୍ୟାଙ୍କ ସାମ୍ନାରେ ଯାଉଥିବାବେଳେ ୨ଟି କାରକୁ ଏକା ସଙ୍ଗରେ ଧକ୍କା ଦେଇଥିଲା। ତେବେ ସାମ୍ନାରେ ଯାଉଥିବା ଏକ ବାଇକ୍ ଚାଳକ ସୌଭାଗ୍ୟବଶତଃ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। 'ମୋ ବସ୍' ଡ୍ରାଇଭର, କଣ୍ଡକ୍ଟର ଓ ୨ କାର ମାଲିକଙ୍କୁ ଦୁର୍ଘଟଣା ପରେ କ୍ୟାପିଟାଲ ଥାନାକୁ ନିଆଯାଇ ପଚରାଉଚରା ପରେ ଛାଡିଦେଇଥିବା ଜଣାପଡିଛି।



ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଓଡ଼ିଶୀ ନୃତ୍ୟ ।

# ଦର୍ଶକଙ୍କ ମନମୋହିଲା ଓଡ଼ିଶୀ ନୃତ୍ୟ

## ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ପୁରଣା ଭୁବନେଶ୍ୱର, ୧୫ା୧(ଡି.ଏନ୍.ଏ.): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବର ରବିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିବେଷିତ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା।

ସନ୍ଧ୍ୟାର ପ୍ରଥମ ପରିବେଷଣ କଟକର ପ୍ରଫୁଲ୍ଲ ଚନ୍ଦ୍ର ବେହେରା ଓ ସାଥୀଙ୍କ ଶିବ ବନ୍ଦନାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ପରିବେଷଣରେ ଓଡ଼ିଶୀ ନୃତ୍ୟର ଏକକ ପର୍ଯ୍ୟାୟରେ ହରେକୃଷ୍ଣ ଧଳ ପ୍ରଥମେ ଭୁ ଶମ୍ଭୁ ଯାହାର ସଙ୍ଗୀତ ସଂଯୋଜନା ଗୁରୁ ମାତୃ ପ୍ରସାଦ ଦାସ, ଶବ୍ଦ ସଂଯୋଜନା ରୋହିତ ପ୍ରଧାନ ଓ ନୃତ୍ୟ ସଂରଚନା ଗୁରୁ ପ୍ରଭାତ କୁମାର ସ୍ୱାଇଁ କରିଥିଲେ। ପରେ ରାମଚରିତ ମାନସରୁ ଉଦ୍ଧୃତ ଅଭିନୟ ବାଳିବଧ ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ପ୍ରଭାତ କୁମାର ସ୍ୱାଇଁ। ଯୁଗ୍ମ ନୃତ୍ୟ ପର୍ଯ୍ୟାୟରେ ତ୍ରିଲୋଚନ ସାହୁ ଓ ପ୍ରଶାନ୍ତ ଜେନା ପରିବେଷଣ କରିଥିଲେ ହଂସଧ୍ୱନି ପଲ୍ଲବୀ। ଏହାର ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର କରିଥିବା ବେଳେ ନୃତ୍ୟ ସଂରଚନା କରିଥିଲେ ଗୁରୁ କେଳୁ ଚରଣ ମହାପାତ୍ର। ପରେ ଗୀତଗୋବିନ୍ଦରୁ ଉଦ୍ଧୃତ ନୃତ୍ୟାଭିନୟ ଦଶାବତାର ଯାହା ରାଗ ମୋହନା ଓ ତାଳ ଝମ୍ପା ଉପରେ ପର୍ଯ୍ୟବସିତ ଥିଲା। ଏହି ନୃତ୍ୟର ସଙ୍ଗୀତ ସଂଯୋଜନା ପଣ୍ଡିତ ଭୁବନେଶ୍ୱର ମିଶ୍ର ଓ ଗୁରୁ କେଳୁ ଚରଣ ମହାପାତ୍ର ନୃତ୍ୟ ସଂରଚନା କରିଥିଲେ। ଗୁରୁ କସ୍ତୁରୀ ପଟ୍ଟନାୟକ ଓ ତାଙ୍କ ସଙ୍କଳ୍ପ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ସନ୍ଧ୍ୟାରେ ଶେଷ କାର୍ଯ୍ୟକ୍ରମ ଥିଲା। ସେମାନଙ୍କର ପ୍ରଥମ ପ୍ରସ୍ତୁତିରେ ଥିଲା ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଉମା ମହେଶ୍ୱର ସ୍ତୋତ୍ରମ। ଗୁରୁ କସ୍ତୁରୀ ପଟ୍ଟନାୟକ ନୃତ୍ୟ ସଂରଚନା କରିଥିଲେ। ଏହା ପରେ ପରିବେଷିତ ହୋଇଥିଲା ନାରାୟଣୀ ପଲ୍ଲବୀ ଯାହା ରାଗ ନାରାୟଣୀ ଓ ତାଳ ଏକତାଳୀ ଉପରେ ନିବଦ୍ଧ ଥିଲା। ଅନ୍ତିମ ପ୍ରସ୍ତୁତି ଥିଲା ନିର୍ବାଣ। ଯାହାର ନୃତ୍ୟ ସଂରଚନା, ସଙ୍ଗୀତ ସଂଯୋଜନା ଓ ଶବ୍ଦ ସଂଯୋଜନା କରିଥିଲେ ଗୁରୁ କସ୍ତୁରୀ ପଟ୍ଟନାୟକ। କାର୍ଯ୍ୟକ୍ରମରେ ଅତିଥିଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.(ପ୍ରଫେସର) ପ୍ରିୟମ୍ବଦା ମହାନ୍ତି ହେଜମାଦି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ଡ.ମନ୍ମଥ କୁମାର ଶତପଥୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ରର ପୂର୍ବତନ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ.ସଙ୍ଗୀତା ଗୋସାଇଁ ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଏବଂ ସଂହତି ପାଣି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ପୁରାତନ ଛାତ୍ରଙ୍କ ବିଦ୍ୟାଳୟ ପ୍ରତି କର୍ତ୍ତବ୍ୟ ରହିଛି



### ୟୁନିଟ୍-୬ ବାଳକ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୧୫ା୧(ବ୍ୟୁରୋ) ୟୁନିଟ୍-୬ ବାଳକ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଯୋଗଦେଇ କହିଛନ୍ତି, ଛାତ୍ର ସଂସଦ ବିଦ୍ୟାଳୟ ଉତ୍ଥାନ ପାଇଁ ସବୁବେଳେ ଆଗେଇ ଆସିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ସରକାର ସବୁବେଳେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ପଦକ୍ଷେପ ନେଉଛନ୍ତି। ହେଲେ ପୁରାତନ ଛାତ୍ରଙ୍କର ବିଦ୍ୟାଳୟ ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି। ତେଣୁ ସେମାନେ ବିଦ୍ୟାଳୟ ପାଇଁ ଯଥାସମ୍ଭବ ସହାୟତା ଓ ସହଯୋଗ ପ୍ରଦାନ କରନ୍ତୁ। ସଂସଦ ମୁଖ୍ୟ ପୃଷ୍ଠପୋଷକ ତଥା ପୁରାତନ ଛାତ୍ର ତପନ କୁମାର ମହାନ୍ତି ବିଦ୍ୟାଳୟର ଉନ୍ନତି ଓ ଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ଦିଗରେ ପୁରାତନ ଛାତ୍ରମାନେ ଆଗେଇ ଆସିବାକୁ ଅନୁରୋଧ କରିଛନ୍ତି। ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଦାସ ସ୍ୱାଗତ ଭାଷଣ ଦେଇ ବିଦ୍ୟାଳୟରେ ଏକ ଅତ୍ୟାଧୁନିକ ଅଡିଟୋରିୟମ୍ ନିର୍ମାଣ ଲାଗି ଲକ୍ଷ୍ୟ ରଖିଥିବା କହିଛନ୍ତି। ବିଦ୍ୟାଳୟ ଖେଳପଡ଼ିଆକୁ ରାଜ୍ୟ ସରକାର ଅନ୍ୟ ସଂସ୍ଥାକୁ ଟେକି ଦେବାକୁ ଯୋଜନା କରିଛନ୍ତି। ହେଲେ ପୁରାତନ ଛାତ୍ର ସଂସଦ ଏହାକୁ ବରଦାସ୍ତ କରିବ ନାହିଁ। ଖେଳପଡ଼ିଆକୁ ନେଇ ସରକାରଙ୍କ ବିରୋଧରେ ହାଇକୋର୍ଟରେ କେସ୍ ରହିଛି। କୋର୍ଟ ଆମ ସପକ୍ଷରେ ରହିତାଦେଶ ଦେଇଛନ୍ତି। ତେଣୁ ବିଦ୍ୟାଳୟ ଖେଳପଡ଼ିଆ ପାଇଁ ଲଢ଼େଇ ଜାରି ରହିଥିବା ସୂର୍ଯ୍ୟ ନାରାୟଣ କହିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଗା ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ପ୍ରଭାସ କୁମାର ଗଇଗରିଆ ବିଦ୍ୟାଳୟ ଉନ୍ନତିମୂଳକ କାର୍ଯ୍ୟରେ ସକ୍ରିୟ ସହଯୋଗ କରୁଥିବାରୁ ସଂସଦକୁ ଧନ୍ୟବାଦ ଦେଇଥିଲେ। ସଂସଦ ପକ୍ଷରୁ ଶିକ୍ଷୟିତ୍ରୀ ଶାନ୍ତିଲତା ସେନାପତି, ସଞ୍ଜୁକ୍ତା ବରାଡ଼, ପୂର୍ଣ୍ଣଚନ୍ଦ୍ର ବେହେରା, ଛାତ୍ର ଅଚ୍ୟୁତ ପ୍ରଧାନ ଓ ବୁଦ୍ଧିଆ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ଦିଲୀପ ଦାଶଶର୍ମା ସପ୍ତମଥର ପାଇଁ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ନିର୍ବାଚିତ

ଭୁବନେଶ୍ୱର, ୧୫ା୧ (ବ୍ୟୁରୋ) ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ସାଧାରଣ ଅଧିବେଶନ ଓ ଆସନ୍ତା ୩ ବର୍ଷ ପାଇଁ ନିର୍ବାଚନ ରବିବାର ଭିଏସ୍ଏସ୍‌ନଗରସ୍ଥିତ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ସର୍ବସମ୍ମତି କ୍ରମେ ଦିଲୀପ ଦାଶଶର୍ମା ସପ୍ତମଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏଥିସହ ଉପସଭାପତି ଭାବେ ପ୍ରତାପ କୁମାର ସ୍ୱାଇଁ ଓ ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଭାବେ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ଭାବେ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ ଓ ଅକ୍ଷୟ କୁମାର ଜେଠୀ ନିର୍ବାଚିତ ହୋଇଥିଲେ। ସେହିପରି ଉପଦେଷ୍ଟା ଭାବେ ଡ. ଦ୍ୱାରିକାନାଥ ମହାନ୍ତି, ନିରଞ୍ଜନ ଦାଶ ଓ ନିମାଇଁ ଚରଣ ଦାସ ନିର୍ବାଚିତ ହୋଇଥିବାବେଳେ ପ୍ରସନ୍ନ କୁମାର ରଥ, ଇଂ. ନଳିନୀ କୁମାର ମହାନ୍ତି, ନିରଞ୍ଜନ ପାତ୍ର, ପ୍ରତାପ କୁମାର ନନ୍ଦ, ମହେଶ୍ୱର ବିଶ୍ୱାଳ, ଗୋପୀମୋହନ ପଟ୍ଟନାୟକ, ମନୋଜ କୁମାର ସାହୁ ପ୍ରମୁଖ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ରହିଛନ୍ତି।

### ଗଡ଼େଶ୍ୱର ହାଟ ବଣିକ ସଂଘର ନୂତନ ପରିଚାଳନା କମିଟି ଗଠନ

ଭୁବନେଶ୍ୱର, ୧୫ା୧ (ବ୍ୟୁରୋ) ଭିଏସ୍ଏସ୍‌ନଗରସ୍ଥିତ ଗଡ଼େଶ୍ୱର ହାଟ ବଣିକ ସଂଘର ନୂତନ ପରିଚାଳନା କମିଟି ଗଠନ ହୋଇଛି। ସଭାପତି ଭାବେ ଲକ୍ଷ୍ମଣ ସାହୁ, ସମ୍ପାଦକ ଭାବେ ମନୋରଞ୍ଜନ ସାହୁ, ସହସମ୍ପାଦକ ଭାବେ ପ୍ରମୋଦ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ ସାଥୁଆଙ୍କୁ ଚୟନ କରାଯାଇଛି। ଏଥିସହ ମୃତ୍ୟୁଞ୍ଜୟ ମାଣିକ, ଅଜୟ ବିଶ୍ୱାଳ, ବିକ୍ରମ କେଶରୀ ସାହୁ, ବୁଲେଇ ସାହୁ, ଦୀପକ ବାରିକ, ଦୀପକ ସାହୁ, ଗଣେଶ ସାହୁ, ଗୋଲଖ ଚନ୍ଦ୍ର ଦଳାଇ ପ୍ରମୁଖ କମିଟି ସଦସ୍ୟ ରହିଛନ୍ତି।

# ପାଚେରି ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବାରଙ୍ଗ,୧୫ା୧(ଡି.ଏନ୍.ଏ.): ବାରଙ୍ଗ ତହସିଲ ଅର୍ନ୍ତଗତ ଫକିରପଡ଼ା ଗ୍ରାମ ନିକଟରେ ନିର୍ମାଣ ହେଉଥିବା ପାଚେରିକୁ ଗ୍ରାମବାସୀ ବିରୋଧ କରିଛନ୍ତି। ରବିବାର ଶତାଧିକ ଗ୍ରାମବାସୀ ନିର୍ମାଣାଧୀନ ପାଚେରିରେ ବସି କାମ କରାଇଦେଇ ନ ଥିଲେ। ଖବରପାଇ ବାରଙ୍ଗ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ମୁତାବକ, ଫକିରପଡ଼ା ଗ୍ରାମ ନିକଟରେ ଥିବା ଫକିରପଡ଼ା ଓ ପାଟପୁର ମୌଜାର ଥିବା ସରକାରୀ ଗୋଚର ଜାଗାକୁ ଫକିରପଡା ଗ୍ରାମର ଯୁବକମାନେ ଖେଳପଡିଆ ଭାବେ ବ୍ୟବହାର କରୁଥିଲେ। କେତେଜଣ ବ୍ୟକ୍ତି ଏହି ଖେଳପଡିଆ ଉପରେ ବେଆଇନଭାବେ ବାଲି ଗଦା କରିବାରୁ ପିଲାମାନେ ଖେଳିପାରି ନ ଥିଲେ। କିଛିଦିନ ପରେ ଉକ୍ତ ଜାଗାକୁ ଅକ୍ତିଆର କରିବା ସହ ପାଚେରି କରାଯାଇଥିଲା। ଏନେଇ ଗ୍ରାମବାସୀ ଗତ ଡିସେମ୍ବର ୮ରେ କଟକ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଗତ୨୯ ତାରିଖରେ ତଦନ୍ତ ପାଇଁ ଜିଲାପାଳ ନର୍ଦ୍ଦେଶ ଦେଇଥିଲେ। ବାରଙ୍ଗ ଓ ରାମଦାସପୁର ଆର୍ଆଇ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଜାଗାକୁ ମାପଚୁପ କରବାକୁ ଉଦ୍ୟମ କରିଥିଲେ। କିନ୍ତୁ ତହସିଲଦାରଙ୍କ ଉପସ୍ଥିତିରେ ଜାଗା ମାପଚୁପ କରିବାକୁ ଗ୍ରାମବାସୀ ଜିଦ୍ କରିବାରୁ ମାପ ବନ୍ଦ ହୋଇଥିଲା। ଏହା ପରଠାରୁ ତହସିଲ ପକ୍ଷରୁ ମାପଚୁପ କରିବା ନେଇ କୌଣସି ତତ୍ପରତା ପ୍ରକାଶ ପାଇ ନ ଥିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ସରକାରୀ କାର୍ଯ୍ୟାଳୟ ବନ୍ଦଥିବାରୁ ଉକ୍ତ ଜାଗାରେ ପାଚେରି କାମ କରାଯାଉଥିବାର ଜଣାପଡିବା ପରେ ଫକିରପଡା ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଶତାଧିକ ମହିଳା, ପୁରୁଷ ଓ ଯୁବକମାନେ ଘଟଣାସ୍ଥଳରେ ପହଞ୍ଚି ପାଚେରି କାମକୁ ବନ୍ଦ କରିଥିଲେ। ଜାଗା ମାପ ନ ସରିବା ପର୍ଯ୍ୟନ୍ତ ପାଚେରି କାମ ବନ୍ଦ କରିବାକୁ କହିଥିଲେ। ବାରଙ୍ଗ ଥାନା ଅଧିକାରୀ ଆକାଶ ଚନ୍ଦ୍ର ରଣା ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ କାମ ବନ୍ଦ କରିବା ପରେ ଗ୍ରାମବାସୀ ଫେରିଯାଇଥିଲେ।

# 'ଛାତ୍ରୀଛାତ୍ର ଶୈକ୍ଷିକ ବିକାଶ, ଆନୁଷ୍ଠାନିକ ଉନ୍ନତିରେ ବ୍ରତୀ ହୁଅନ୍ତୁ'

## ବିଜେଇଏମ୍ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର, ୧୫ା୧(ବ୍ୟୁରୋ) ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ୍ ରବିବାର ୫୦ତମ ପ୍ରତିଷ୍ଠା ଦିବସ ବା ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ କରିଛି। ଏହି ଅବସରରେ 'ଇନ୍‌ସେପ୍‌ସନ୍-୨୦୨୩'ର ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ଶାନ୍ତି ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ମିଶ୍ର ଯୋଗଦେଇ ପିଲାଙ୍କ ସର୍ବାଙ୍ଗୀନ ଗୁଣ ସହ ସଂସ୍କୃତି, ପରମ୍ପରାର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିନିମନ୍ତେ ପିଲାଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। କମିଟି ପରିଚାଳକ ପ୍ରତାପ କୁମାର ଜେନା ବିଦ୍ୟାଳୟର ୫୦ବର୍ଷର ଇତିହାସ ବର୍ଣ୍ଣନା କରି ପ୍ରତିଷ୍ଠାତା ସଦସ୍ୟଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ସହ ସମସ୍ତଙ୍କୁ ତ୍ୟାଗ, ସଞ୍ଜମତା ଶିଖି ଶୈକ୍ଷିକ ବିକାଶ ଓ ଆନୁଷ୍ଠାନିକ ଉନ୍ନତିରେ ବ୍ରତୀ ହେବାକୁ କହିଥିଲେ। କମିଟି ଉପ-ପରିଚାଳକ ସଂଗ୍ରାମ କେଶରୀ ନାୟକ ବିଦ୍ୟାଳୟର ଗୌରବମୟ ଅଧ୍ୟାୟ ସମ୍ପର୍କରେ କହିବା ସହ ପିଲାଙ୍କୁ ବିଦ୍ୟାଳୟର ଗର୍ବ ଓ ଗୌରବ ହେବାକୁ ଆହ୍ୱାନ ଦେଇଥିଲେ। ଉପସଭାପତି ଡ. ଅଶ୍ୱିନୀ ତିୱାରୀ ମଣିଷର ସହନଶୀଳତା ଓ ମୂଲ୍ୟବୋଧ ଶିକ୍ଷା ତା' ସହ ଜଡ଼ିତ ବୋଲି ମତପ୍ରକାଶ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଓଡ଼ିଶା ଓ ମହାରାଷ୍ଟ୍ରର ଐତିହ୍ୟ ତଥା ସଂସ୍କୃତି ମଧ୍ୟରେ ରହିଥିବା ସମ୍ପର୍କର ଝଲକ ଦେଖିବାକୁ ମିଳିଥିଲା। ଓଡ଼ିଶା ଓ ମହାରାଷ୍ଟ୍ରର ନୃତ୍ୟ ପରିବେଷଣ କରାଯାଇଥିବାବେଳେ ଛଉ, ଲାବଣୀ, ସମ୍ବଲପୁରୀ, ଓଡ଼ିଶୀ, ମାହାରୀ, ଦୋଳ, ପାଇକନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସେହିପରି ଦୁଇ ରାଜ୍ୟର ଖାଦ୍ୟକୁ ନେଇ ଷ୍ଟଲ୍ ଖୋଲାଯିବା ସହ ପ୍ରକଳ୍ପ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଅତିଥିମାନେ ପ୍ରକଳ୍ପ ବୁଲି ଦେଖିବା ସହ ପିଲାଙ୍କ ସହ କଥା ହେଉଛନ୍ତି ।

# ଟ୍ରାଫିକ ନିୟମ ମାନି ଗାଡ଼ି ଚଳାନ୍ତୁ

## ସଡ଼କ ସୁରକ୍ଷା ସପ୍ତାହ ପାଳନ

ଭୁବନେଶ୍ୱର,୧୫ା୧(ବ୍ୟୁରୋ): ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭୁବନେଶ୍ୱର ସହରାଞ୍ଚଳ ଟ୍ରାଫିକ ପୋଲିସ ଏବଂ ଜୟ ଓଡ଼ିଶା ସଂସ୍ଥାର ସହଯୋଗୀତାରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଛି। ଏହି ଅବସରରେ ରବିବାର ଟ୍ରାଫିକ ଥାନା-୧ରୁ ଜନସଚେତନା ଧର୍ମୀ ମୋଟରସାଇକେଲ ରାଲିର ଆୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର-କଟକର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସେ କହିଛନ୍ତି ଟ୍ରାଫିକ ନିୟମ ମାନି ଗାଡ଼ି ଚଳାନ୍ତୁ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ, ଟ୍ରାଫିକ ଡିସିପି ଠାକୁର ପ୍ରସାଦ ପାତ୍ର, ଟ୍ରାଫିକ ଏସିପି ସ୍ୱସ୍ତିକ ପଣ୍ଡା, ଟ୍ରାଫିକ ଥାନା ୧ ଓ ୨ ର ଇନଚାର୍ଜ, ଜୟ ଓଡିଶା ସଂସ୍ଥାର ସଂସ୍ଥାପକ ରୁଦ୍ର ସାମନ୍ତରାୟଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ପୋଲିସ କମିଶନର, ଭୁବନେଶ୍ୱର ଡିସିପି ଏବଂ ଟ୍ରାଫିକ ଡିସିପି ଏକତ୍ର ମିଶି ପତାକା ହଲାଇ ରାଲି ଶୁଭାରମ୍ଭ ନେଇ ସଂକେତ ପ୍ରଦାନ କରିଥିଲେ। ଏହି ରାଲିରେ ଟ୍ରାଫିକ ଥାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି ରାଲି ମାଧ୍ୟମରେ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ମାନିବା, ନିୟମିତ ହେଲମେଟ ପିନ୍ଧିବା, ସିଟ୍ ବେଲ୍ଟ ବାନ୍ଧିବା, ଗାଡ଼ିଚାଳନା ସମୟରେ ମୋବାଇଲ ଫୋନ ବ୍ୟବହାର ନ କରିବା ଭଳି ଅନେକ ପ୍ରକାର ଟ୍ରାଫିକ ନିୟମାବଳୀ ବିଷୟରେ ଅବଗତ କରାଯାଇଥିଲା ।




ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଓ ଅନ୍ୟ ଅଧିକାରୀମାନେ ମୋଟର ସାଇକେଲ ରାଲିକୁ ଉଦ୍‌ଘାଟନ କରୁଛନ୍ତି ।

## ୬ ମୋବାଇଲ ଜବତ୍, ଅଭିଯୁକ୍ତ ଗିରଫ

**କଟକ ଅଫିସ:** ଏସ୍‌ସିବି ମେଡିକାଲ୍ ପରିସରରୁ ମଙ୍ଗଳାବାଗ ପୋଲିସ ଜଣେ ମୋବାଇଲ ଲୁଟେରାଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିହାର ଭଗଲପୁର ଜିଲା କାଜରାଇଲି ଅଞ୍ଚଳର ଜୋନୁ କୁମାର। ତାଙ୍କଠାରୁ ୬ଟି ମୋବାଇଲ ଜବତ ହୋଇଛି। ସେ ଏସ୍‌ସିବି ମେଡିକାଲର ବିଭିନ୍ନ ୱାର୍ଡରେ ଭିଡ଼ରେ ଅଥବା ଧାଡ଼ିରେ ଠିଆ ହୋଇଥିବା ରୋଗୀ ସମ୍ପର୍କୀୟମାନଙ୍କୁ ଟାର୍ଗେଟ କରି ମୋବାଇଲ ଲୁଟି ନେଇଥାଏ। ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସେ ନିରାମୟ କେନ୍ଦ୍ର ସମ୍ମୁଖରେ ଧାଡ଼ିରେ ଠିଆ ହୋଇଥିବାବେଳେ ଚୌଦ୍ୱାର ଚାରବାଟିଆ ହାଉସିଂବୋର୍ଡ କଲୋନୀର ପ୍ରମୋଦ ବେହେରାଙ୍କଠାରୁ ମୋବାଇଲ ଲୁଟି ନେଇଥିଲେ। ଏନେଇ ପ୍ରମୋଦ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।

## ସଂକ୍ଷେପରେ

### ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ

**କଟକ ଅଫିସ,୧୫।୧:** ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ ଦୋଲମୁଣ୍ଡାଇସ୍ଥିତ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ନିତ୍ୟାନନ୍ଦ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଆସନ୍ତା ଅଗଷ୍ଟ ୭ରେ ସମିତିର ପ୍ଲାଟିନମ ଜୁବୁଲି ପାଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ୩୦ରୁ ଊର୍ଦ୍ଧ୍ୱ ଜନପ୍ରିୟ ବିଜ୍ଞାନ ପୁସ୍ତକ ଲେଖିଥିବା ଜଣେ ଲେଖକଙ୍କୁ ପ୍ଲାଟିନମ ଜୟନ୍ତୀ ସ୍ମାରକୀ ସମ୍ମାନ ପ୍ରଦାନ କରାଯିବା ସହ ୧୫ ଜଣ ନିୟମିତ ସଭ୍ୟଙ୍କୁ ପୁରସ୍କୃତ କରାଯିବା ଓ ଜ୍ଞାନ ବିଜ୍ଞାନ ଏକ ପତ୍ରିକା ପ୍ରକାଶନ କରାଯିବାକୁ ସ୍ଥିର ହୋଇଥିଲା। ସେହିପରି ସମିତିର ଦିବଂଗତ ଆଜୀବନ ସଭ୍ୟ ଓ ପୂର୍ବତନ ଉପସଭାପତି ପ୍ରଫେସର ବାସୁଦେବ କରଙ୍କ ସ୍ମୃତିରେ ଡକ୍ଟର୍ସ ଡେ ଦିନ ସ୍ମାରକୀ ବକ୍ତୃତା ଆୟୋଜନ କରାଯିବ। ପ୍ଲାଟିନମ ଜୁବୁଲିର ସଙ୍ଗଠନ ସମ୍ପାଦକ ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ସହ ସଙ୍ଗଠନ ସମ୍ପାଦକ ନିରଞ୍ଜନ ପାତ୍ର ଓ ପ୍ରକାଶନ ସମ୍ପାଦକ ଡା. ସଚ୍ଚିଦାନନ୍ଦ ଶତପଥୀଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସମିତିର ସମ୍ପାଦକ ଡା. ଦୀପକ ରାଜ ବିବରଣୀ ପାଠ, ଯୁଗ୍ମ ସମ୍ପାଦକ କବିତା ପାଟଶାଣୀ ଧନ୍ୟବାଦ ଦେଇଥିଲେ।

### ‘ସଙ୍ଗୀତ ବିନା ନୃତ୍ୟ ଅଧୁରା’

**ଚୌଦ୍ୱାର,୧୫।୧(ଡି.ଏନ.ଏ.):** ଓଡ଼ିଶୀ, ଶାସ୍ତ୍ରୀୟ ତଥା ଆଧୁନିକ ନୃତ୍ୟ ଅନୁଷ୍ଠାନ ଡାଏନା ଡ୍ୟାନ୍ସ ସ୍କୁଲର ବାର୍ଷିକ ଉତ୍ସବ ଚୌଦ୍ୱାର ପୌର ଟାଉନ୍ ହଲ୍‌ରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଡ. ନାରାୟଣ ଚନ୍ଦ୍ର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଯୋଗଦେଇ ସଙ୍ଗୀତ ବିନା ନୃତ୍ୟ ଅଧୁରା ବୋଲି କହିଥିଲେ। ଏଥିରେ ଅନ୍ୟ ଅତିଥି ଭାବେ କଣ୍ଠଶିଳ୍ପୀ ସଞ୍ଜୟ ଦାସ, ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ଜ୍ୟୋତିର୍ବିଦ୍ ଡ. ନିରଞ୍ଜନ ମହାପାତ୍ର, ପ୍ରଦୀପ ବେହେରା ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଶୁଭମ୍ ସରିତା କର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୨ଦିନ ଧରି ଅନୁଷ୍ଠିତ ହୋଇଥିବା ବିଭିନ୍ନ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗାୟତ୍ରୀ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ବିଜେଡି ପ୍ରତିଷ୍ଠା ଦିବସ

**ଫୁଲନଖରା,୧୫।୧(ଡି.ଏନ.ଏ.):** କଟକ ସଦର ଥାନା ଅନ୍ତର୍ଗତ ଗୋପାଳପୁରସ୍ଥିତ ତାରିଣୀ ପଡିଆରେ ବିଜେଡିର ପ୍ରତିଷ୍ଠା ଦିବସ ରବିବାର ପାଳିତ ହୋଇଯାଇଛି। କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ, ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା, ନିଆଳି ବିଧାୟକ ପ୍ରମୋଦ ମଲ୍ଲିକ, ସିଏମ୍‌ସି ମେୟର ସୁବାସ ସିଂ, ନଗର ବିଜେଡି ସଭାପତି ମଧୁ ସାହୁ, ମୀରା ପରିଡା, ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ, ୫୭ନଂ. ୱାର୍ଡ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ଅନିତା ବେହେରା ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ କୁମାରୀ ସ୍ୱାଇଁ, ଶୁଚିସ୍ମିତା ସାହୁ, କୌଶିକ ଜେନା, ଅଭିଷେକ ବେହେରା, ଆଶାଲତା ବେହେରା, ବିପ୍ର ଚରଣ ଭୋଳଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

### ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ରାସ୍ତାରୋକୋ ସ୍ଥଗିତ

**ଖୁଣ୍ଟୁଣୀ,୧୫।୧(ଡି.ଏନ.ଏ.):** ଟଙ୍କା ଫେରସ୍ତ ଦାବିରେ ସାହାରା ଜମାକାରୀମାନେ ଖୁଣ୍ଟୁଣୀଠାରେ ସୋମବାର ରାସ୍ତାରୋକୋ କରିବା କାର୍ଯ୍ୟକ୍ରମ ରହିଥିଲା। ହେଲେ ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁଙ୍କ ହସ୍ତକ୍ଷେପ ପରି ରାସ୍ତାରୋକୋ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ସାହାରା ଇଣ୍ଡିଆ ଖୁଣ୍ଟୁଣୀ ଶାଖାରେ ବହୁ ସଂଖ୍ୟକ ଜମାକାରୀ ଟଙ୍କା ଜମା କରିଥିଲେ। ସେମାନଙ୍କ ମ୍ୟାଚ୍ୟୁରିଟି ପୂରିଥିଲେ ମଧ୍ୟ ସେମାନଙ୍କୁ ଟଙ୍କା ଫେରସ୍ତ କରାଯାଉନାହିଁ। ଏଥିପାଇଁ ସେମାନେ ପ୍ରଶାସନର ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିଲା। ୧୫ ଦିନ ତଳେ ଖୁଣ୍ଟୁଣୀ କ୍ଷତିଗ୍ରସ୍ତ ଜମାକାରୀ ମଞ୍ଚ ପକ୍ଷରୁ କଟକ ଜିଲାପାଳ, ଆଠଗଡ଼ ଉପଜିଲାପାଳ, ସାହାରା ଭୁବନେଶ୍ୱର ଜୋନାଲ ମୁଖ୍ୟ, ଆଠଗଡ଼ ବିଡିଓ, ତହସିଲଦାର ଓ ଖୁଣ୍ଟୁଣୀ ଥାନା ଅଧିକାରୀଙ୍କୁ ବଜାର ବନ୍ଦ ସହ ରାସ୍ତାରୋକୋ କରିବା ପାଇଁ ଦାବିପତ୍ର ଦିଆଯାଇଥିଲା। ଖୁଣ୍ଟୁଣୀ ଥାନାଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ ଏ ସମ୍ପର୍କରେ ଆଠଗଡ଼ ଉପଜିଲାପାଳ ସ୍ୱାଇଁଙ୍କୁ ଜଣାଇଥିଲେ। ଆସନ୍ତା ୧୦ ଦିନ ମଧ୍ୟରେ ଉଭୟ ପକ୍ଷଙ୍କୁ ଡକାଇ ସମାଧାନ ପନ୍ଥା ବାହାର କରିବେ ବୋଲି ଉପଜିଲାପାଳ କହିଥିଲେ। ଫଳରେ ରାସ୍ତାରୋକୋ ସାମୟିକ ଭାବେ ସ୍ଥଗିତ ରହିଲା ବୋଲି ସଂଘ ସଭାପତି ସୁଶାନ୍ତ ସାହୁ ଓ ସୌମ୍ୟରଞ୍ଜନ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ‘ସାହିତ୍ୟର ଅନନ୍ୟ ପ୍ରତିଭା କୁନ୍ତଳାକୁମାରୀ’

**କଟକ ଅଫିସ,୧୫।୧**



ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବୃନ୍ଦ।

କୁନ୍ତଳା କୁମାରୀ ସାବତ ଭାରତୀୟ ସାହିତ୍ୟରେ ଜଣେ ଅନନ୍ୟ ପ୍ରତିଭା। କବି ଓ ଔପନ୍ୟାସିକା ଭାବେ ସେ ବିପୁଳ ଖ୍ୟାତି ଅର୍ଜନ କରିଥିଲେ। କୁନ୍ତଳାଙ୍କ କୃତି କାଳଜୟୀ ବୋଲି ହାଇକୋର୍ଟର ପୂର୍ବତନ ବିଚାରପତି ଡ. ମଦନ ମୋହନ ଦାସ କହିଛନ୍ତି। କଟକ ସାରଳା ଭବନରେ କୁନ୍ତଳା କୁମାରୀ ସାବତଙ୍କ ସ୍ମୃତି ଉତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜଷ୍ଟିସ୍ ଦାସ ଉଦ୍‌ଘାଟନ କରି ଉପରୋକ୍ତ ବିଷୟରେ କହିଥିଲେ।

ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ ପକ୍ଷରୁ ସଭାପତି ଇଂ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପିକା ଡ. ସଂଘମିତ୍ରା ଭଞ୍ଜ କହିଥିଲେ, କୁନ୍ତଳା କୁମାରୀ ଜଣେ ଉଚ୍ଚକୋଟୀର କବି ତଥା ଔପନ୍ୟାସିକା ଥିଲେ। ସମ୍ମାନିତ ଅତିଥି ଶଲ୍ୟ ଚିକିତ୍ସକ ଡା. ରମେଶ ଚନ୍ଦ୍ର ଦାସ କହିଥିଲେ, କୁନ୍ତଳା କୁମାରୀ ବୃତ୍ତିରେ ଜଣେ

### ଲେଖିକା, ଚିକିତ୍ସାବିତ୍‌ଙ୍କୁ ସମ୍ବର୍ଦ୍ଧନା

ଡାକ୍ତର ଥିଲେ ମଧ୍ୟ ପ୍ରବୃତ୍ତି ଥିଲା ତାଙ୍କର ସାରସ୍ୱତ ସାଧନା। ସର୍ବଭାରତୀୟ ସ୍ତରରେ ନାରୀ ଜାଗରଣର ସେ ଦିଗ୍‌ଦର୍ଶକ ଥିଲେ। ସଭାପତି ଇଂ. ସ୍ୱାଇଁ କହିଥିଲେ, କୁନ୍ତଳା କୁମାରୀ ଥିଲେ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା। ସ୍ୱଦେଶ ପ୍ରୀତି ଓ ମାନବିକତାର ଅପୂର୍ବ ସମନ୍ୱୟ ତାଙ୍କ ସୃଷ୍ଟିକୁ ସର୍ବକାଳୀନ କରିଛି। ଏହି ଅବସରରେ ଲେଖିକା ଡ. ସୁନୀତି ଦେବୀଙ୍କୁ ଉତ୍କଳଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ପ୍ରଫେସର ଡା. ସୁବୋଧ ଚନ୍ଦ୍ର ପ୍ରହରାଜ, ନିମାଇଁ ଚରଣ ପରିଜା, କୈଳାସ ଚନ୍ଦ୍ର ବିଶ୍ୱାଳ, ପ୍ରଫେସର ଡା. ସିନ୍ଧୁ ନନ୍ଦିନୀ ତ୍ରିପାଠୀଙ୍କୁ ଉତ୍କଳଭାରତୀ କୁନ୍ତଳା କୁମାରୀ ଚିକିତ୍ସାବିଜ୍ଞାନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଉଣ୍ଡେଶନର ଉପସଭାପତି ସଞ୍ଜିତ ପଟ୍ଟନାୟକ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ବିବରଣୀ ପାଠ କରିଥିଲେ। କବି ଗୋପା ଦାସ, ଡ. ମଞ୍ଜୁଶ୍ରୀ ଶାସ୍ତ୍ରୀ, ବୈଜୟନ୍ତୀ ଶତପଥୀ ମାନପତ୍ର ପାଠ କରିଥିଲେ। ସୋହାଗିନୀ ବେହେରା ଧନ୍ୟବାଦ ଦେଇଥିଲେ। ପ୍ରଫେସର ହେମେନ୍ଦ୍ର ନାରାୟଣ ଦାସ, କବି ପ୍ରସନ୍ନ କୁମାର ଜେନା, ଦୀପକ ସାମନ୍ତରାୟ, ପଦନ କୁମାର ଜେନା, ପ୍ରଭାତୀ ଦାଶ, ଡା. ସୁଦର୍ଶନ ପଟ୍ଟନାୟକ, ବାପୁ ଲେଙ୍କା, କୈଳାସ ଚନ୍ଦ୍ର ଦଳାଇ, ଅଜିତ୍ ଦାଶ, ଅଶୋକ ମହାନ୍ତି ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ବିଭୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ

**ମଙ୍ଗୁଳି-ଜଗତପୁର,୧୫।୧(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୋଟସାହି ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ଟେଷ୍ଟ ପେପର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରୋଟାରୀ କ୍ଲବ ଓ ସାମାଜିକ ସଙ୍ଗଠନ ‘ସମ୍ପର୍କ’ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ‘ସମ୍ପର୍କ’ର ସମ୍ପାଦକ ଯୋଗେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ହିମାଂଶୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ରୋଟାରୀ କ୍ଲବ ସଭାପତି ରାମକୃଷ୍ଣ ଦାଶ, ସମ୍ପାଦକ ଅଶୋକ କୁମାର ପଣ୍ଡା, କୋଷାଧ୍ୟକ୍ଷ ଧନେଶ୍ୱର ସାହୁ ଓ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଛାତ୍ରୀଛାତ୍ରମାନେ ଭଲ ପାଠ ପଢି ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହାପରେ ଟାଙ୍ଗୀ ବିଦ୍ୟାପୀଠ, ସରକାରୀ ବାଳିକା ହାଇସ୍କୁଲ ଓ ନିଗମାନନ୍ଦ ହାଇସ୍କୁଲର ୧୫ ଜଣ ଦଶମ ଶ୍ରେଣୀ ଗରିବ ଛାତ୍ରୀଛାତ୍ରଙ୍କୁ ଟେଷ୍ଟ ପେପର ବଣ୍ଟନ କରାଯାଇଥିଲା। ସମ୍ପର୍କର ସଭାପତି ଜିତେନ୍ଦ୍ର କୁମାର ସାହୁ, ସହ ସମ୍ପାଦକ ସତ୍ୟବ୍ରତ ସାହୁ, କୋଷାଧ୍ୟକ୍ଷ ସୁବାଶିଷ ନାଥ, ସଭ୍ୟ ଚିନ୍ମୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉପସଭାପତି ଶେଖ୍ ଅବ୍‌ଦୁଲ କଲିମ ଧନ୍ୟବାଦ ଦେଇଥିଲେ।

## ପେଟ୍ରୋଲ ବୋମା ଫିଙ୍ଗି ଜଣେ ଗିରଫ

**କଟକ ଅଫିସ,୧୫।୧**

କୃଷକବଜାର ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ପେଟ୍ରୋଲ ବୋମା ମାଡ଼ କରିବା ଅଭିଯୋଗରେ ବିଡ଼ାନାସୀ ପୋଲିସ ରବିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସତୀଚଉରା ଛକ ନିକଟ ସତୀଗୁମ୍ଫା ଅଞ୍ଚଳର କାହ୍ନୁ ବେହେରା। ଏନେଇ ଥାନାରେ ଏକ ମାମଲା(ନଂ.୧୦/୨୩) ରୁଜୁ ହୋଇଛି। କୃଷକବଜାରରେ ତ୍ରିନାଥ ବାରିକଙ୍କର ଏକ ଭେରାଇଟି ଷ୍ଟୋର ରହିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାହ୍ନୁ ରବିବାର ଅପରାହ୍ନରେ ତ୍ରିନାଥଙ୍କ ଦୋକାନ ଉପରକୁ ପେଟ୍ରୋଲ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ହେଲେ ତାହା ଫୁଟି ନ ଥିଲା। ପୋଲିସ ପହଞ୍ଚି ପେଟ୍ରୋଲ ବୋମାକୁ ଜବତ କରିଛି।



ପୋଙ୍ଗଲ ଫେଷ୍ଟିଭାଲ ଅବସରରେ ରବିବାର କଟକ ଦେୱାନ ବଜାର ତେଲୁଗୁ ଷ୍ଟ୍ରିଟ୍ ଅଞ୍ଚଳର ମହିଳାଙ୍କ ଘର ସମ୍ମୁଖରେ ମୁରୁଜ ପକାଯାଉଛି।

## ତହସିଲ ମୁଖ୍ୟାଳୟ ସ୍ଥାନାନ୍ତର ଦାବିରେ ସର୍ବଦଳୀୟ ବୈଠକ

**ମଙ୍ଗୁଳି-ଜଗତପୁର,୧୫।୧(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ତହସିଲ ମୁଖ୍ୟାଳୟ ସ୍ଥାନାନ୍ତର ଦାବିରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ରବିବାର ୨୫ ଦିନରେ ପହଞ୍ଚିଛି। ହରିଅନ୍ତା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ନପଙ୍ଗ ସରପଞ୍ଚ ଆନ୍ଦୋଳନର ନେତୃତ୍ୱ ନେଇଥିବାବେଳେ ଆଗାମୀ ପଦକ୍ଷେପ ନିମନ୍ତେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ସର୍ବଦଳୀୟ ବୈଠକ ଆନ୍ଦୋଳନସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆବାହକ ତଥା ଆଇନଜୀବୀ ପ୍ରଭାତ କୁମାର ପ୍ରହରାଜ ପୌରୋହିତ୍ୟ କରିଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚେତକ ଓ ମୁଖ୍ୟ ଶାସନ ସଚିବଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ ସମସ୍ତ ବିରୋଧୀ ଦଳ ନେତାଙ୍କୁ କ୍ରିୟାନୁଷ୍ଠାନ କମିଟି ନିଜର ସାମ୍ବିଧାନିକ ଅଧିକାର ସମ୍ପର୍କରେ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତହସିଲ ମୁଖ୍ୟାଳୟ ସ୍ଥାନାନ୍ତର ନିମନ୍ତେ ଆୟୋଜିତ ୨୦୧୩ ମସିହା ଆନ୍ଦୋଳନ ସମୟରେ ଆତ୍ମାହୁତି କଥା କହିଥିବା ଜରିପଡ଼ା ପଞ୍ଚାୟତ ଟିକରା ବାସିନ୍ଦା ନିରଞ୍ଜନ ବେଉରା ଇଚ୍ଛାମୃତ୍ୟୁ ପ୍ରସଙ୍ଗ ଉଠାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ସେହିପରି ଉକ୍ତ ଆନ୍ଦୋଳନକୁ ବିରୋଧ କରୁଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର କୌଣସି ନେତାଙ୍କୁ ବ୍ଲକ କାର୍ଯ୍ୟାଳୟ ପ୍ରବେଶ ବନ୍ଦ ନିମନ୍ତେ କ୍ରିୟାନୁଷ୍ଠାନ କମିଟି ପଦକ୍ଷେପ ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଥିଲା। ବିଜେଡି ନେତା ଜନ୍ମେଜୟ ଖିଲାର, ଭାଜପା ନେତା ବିରଜା ପ୍ରସାଦ ରାଉତ, କଂଗ୍ରେସ ନେତା ଶେଖ୍ ହମିଦ, ବାମପନ୍ଥୀ ନେତା ଡା. କେଶବ ଚନ୍ଦ୍ର , ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଆକାଶ ପାତ୍ର, ପୂର୍ବତନ ସରପଞ୍ଚ ଅମୂଲ୍ୟ ସାହୁ, ଚତୁର୍ଭୁଜ ସ୍ୱାଇଁଙ୍କ ସମେତ ବହୁସଂଖ୍ୟକ ବୁଦ୍ଧିଜୀବୀ ଓ ଖବରଦାତା ଉପସ୍ଥିତ ରହି ମତ ଉପସ୍ଥାପନ କରିଥିଲେ।

## ଫେବୃୟାରୀ ୨୮ରେ ଜିଲା ମୁଖ୍ୟାଳୟରେ ବିକ୍ଷୋଭ

**କଟକ ଅଫିସ,୧୫।୧**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଜିଲା ପରିଷଦ ବୈଠକ ପାଲିତପଡ଼ାସ୍ଥିତ ନବଯୁଗ ପ୍ରେସ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉଦୟ କେଶରୀ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଡ. ପ୍ରଶାନ୍ତ ମିଶ୍ର ବିଜୟୱାଡା ପାର୍ଟି କଂଗ୍ରେସରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ଉପରେ ଆଲୋଚନା କରିଥିଲେ। ସଭ୍ୟପଦ ନବୀକରଣ, ଗଣସଙ୍ଗଠନ ବିଭାଗର ଦାୟିତ୍ୱ ବଣ୍ଟନ, ସମ୍ବିଧାନର ସୁରକ୍ଷା, ଜାନୁୟାରୀ ୩୦ ଗାନ୍ଧିଜୀଙ୍କ ହତ୍ୟା ଦିବସକୁ ଧର୍ମ ନିରପେକ୍ଷତା ଦିବସ ଭାବେ ପାଳନ, ଫେବୃୟାରୀ ୨୮ରେ ସବୁ ଜିଲା ମୁଖ୍ୟାଳୟରେ ବିକ୍ଷୋଭ ସମାବେଶ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲା ସମ୍ପାଦକ ବିନୋଦ ବେହେରା ବିବରଣୀ ପାଠ କରିଥିଲେ। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଅମରେନ୍ଦୁ ମହାନ୍ତି, କୃଷ୍ଣପ୍ରିୟା ମହାପାତ୍ର, ତ୍ରୈଲୋକ୍ୟ ନାଥ, ରଞ୍ଜନ କୁମାର ଓଝା, ଦୀନେଶ ରଞ୍ଜନ ରାଉତ, ବିପିନ ପାଢ଼ୀ, ପୂର୍ଣ୍ଣିମା ମହାନ୍ତି, ଝିଲ୍ଲି ବିଶୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମାହାଙ୍ଗା, ନିଶ୍ଚିନ୍ତକୋଇଲି, ଜଗତପୁର, ବଡମ୍ବା, ଆଠଗଡ଼, ନିଆଳି, କଟକ ନଗର ଓ କଟକ ସଦର ବ୍ଲକରୁ ସିପିଆଇ ନେତୃବୃନ୍ଦ ଯୋଗ ଦେଇଥିଲେ। ନଗର ସମ୍ପାଦକ ବିଦ୍ୟାପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ‘ଭାଷାର ବିକାଶ ପାଇଁ ନିରନ୍ତର ପ୍ରୟାସ ଲୋଡ଼ା’

**କଟକ ଅଫିସ,୧୫।୧**

### କୋଣାର୍କ ପବ୍ଲିକେଶନ ପକ୍ଷରୁ ପ୍ରତିଭା ପୂଜା ଉତ୍ସବ

କୋଣାର୍କ ପବ୍ଲିକେଶନ ପକ୍ଷରୁ ପ୍ରତିଭା ପୂଜା ଉତ୍ସବ କଟକ ଟାଉନହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ପ୍ରାଚୀନ ଯୁଗରୁ ଆଜିପର୍ଯ୍ୟନ୍ତ ପ୍ରକାଶକଙ୍କ ପୃଷ୍ଠପୋଷକରେ ଓଡ଼ିଆ ଭାଷା ସାହିତ୍ୟ ଆଗକୁ ଆସିଛି। ଆଜିର ଯୁବପିଢ଼ି ଏହାକୁ ଆଗେଇ ନେବାର ଗୁରୁଦାୟିତ୍ୱ ବହନ କରିବା ଏକ ଶୁଭ ଲକ୍ଷଣ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଗୀତିକବି ସମାଜର ସଭାପତି ଗୌର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଶରତ କୁମାର ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି କବି ବଦ୍ରି ମହାନ୍ତି କହିଥିଲେ ଭାଷାର ବିକାଶ ପାଇଁ ନିରନ୍ତର ପ୍ରୟାସ ଲୋଡ଼ା। ଏହି ଅବସରରେ କବି ଆଶୁତୋଷ ମେହେରଙ୍କ ଦୁଇଟି ପୁସ୍ତକ ପ୍ରେମ ପଣତ ତଳେ ଓ କିଛି ସ୍କେଚ୍ କିଛି ଭାବନା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡ. ନୃସିଂହ ଷଡ଼ଙ୍ଗୀ, ଲକ୍ଷ୍ମୀ ପ୍ରସାଦ ରାଉତ, ପ୍ରସନ୍ନ ସ୍ୱାଇଁ, ପ୍ରେମଚାନ୍ଦ ମହାନ୍ତି, ଜିତେନ୍ଦ୍ର ପରିଡା, ତୋଫାନ ଜେନା, ବସନ୍ତ ଦାସ, ବିଦେଶୀ ନାୟକ, ଯୋଗେଶ ହୋତା, ଅନିତା ପଟ୍ଟନାୟକଙ୍କ ସମେତ କେତେଜଣ କବି ଓ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବାନନ୍ଦ ବାରିକ ସ୍ୱାଗତ ଭାଷଣ, ଜ୍ୟୋତି ରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ।

## ହିତାଧିକାରୀଙ୍କୁ ଠିକ୍ ସମୟରେ ଖାଉଟି ସାମଗ୍ରୀ ଦିଅ




ବୈଠକରେ ଯୋଗଦେଇଥିବା ଡିଲର ସଂଘର ସଦସ୍ୟ ଓ ଅନ୍ୟମାନେ।

**ସାଲେପୁର,୧୫।୧(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଡିଲର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁଆଳିନାସୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ହିତାଧିକାରୀମାନଙ୍କ ନିକଟରେ କିପରି ଖାଉଟି ସାମଗ୍ରୀ ଠିକ୍ ଭାବେ ପହଞ୍ଚିପାରିବ ସେସମ୍ପର୍କରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ବିଡିଓ ସୂର୍ଯ୍ୟକାନ୍ତ ରାଉତ, ଉପାଧ୍ୟକ୍ଷ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ଯୋଗାଣ ଅଧିକାରୀ ଦୀପ୍ତିରଞ୍ଜନ ବେହେରା, ପ୍ରୋକଲିନ୍ ଇନ୍‌ସ୍ପେକ୍ଟର ପେନ୍‌କୁଇନ୍ ସାମନ୍ତରାୟ, କଟକ ଜିଲା ଡିଲର ସଂଘର ସଭାପତି ପ୍ରଦୀପ୍ତ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ସାଲେପୁର ଡିଲର ସଂଘ ସଭାପତି ବୀରେନ୍ଦ୍ର ଭୂୟାଁ, ସମ୍ପାଦକ ମିର୍ଜା ସୁଲେମାନ୍ ବେଗ୍, କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ, ହାଡ଼ିବନ୍ଧୁ ବେହେରା, ବିବେକାନନ୍ଦ ଭୂୟାଁ, ସୁମନ୍ତ ବରାଳ ପ୍ରମୁଖ ଯୋଗଦେଇଥିଲେ।

## ଅରେଞ୍ଜ ଆର୍ମି କ୍ରିକେଟ୍ ଟୁର୍ନାମେଣ୍ଟ: ସାମେଶ୍ୱର କ୍ଲବ ବିଜୟୀ

**ସାଲେପୁର,୧୫।୧(ଡି.ଏନ୍.ଏ.)**

ବହୁଗ୍ରାମ ହାଇସ୍କୁଲ ଖେଳ ପଡ଼ିଆଠାରେ ୨ ଦିନ ଧରି ଚାଲିଥିବା ଅରେଞ୍ଜ ଆର୍ମି କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ ଟିମ୍ ଭାଗନେଇଥିଲେ। ଫାଇନାଲ୍ ମ୍ୟାଚ୍ ସାମେଶ୍ୱର ସ୍ପୋର୍ଟିଂ କ୍ଲବ୍, ମହାଜନପୁର ଏବଂ ଫୋର ସ୍କୋୟାର ବହୁଗ୍ରାମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସାମେଶ୍ୱର କ୍ଲବ ପ୍ରଥମେ ବ୍ୟାଟିଂ କରି ୧୩୯ ରନ୍ ସଂଗ୍ରହ କରିଥିଲା। ଜବାବରେ ବହୁଗ୍ରାମ ୧୦୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଖେଳକୁ ବହୁଗ୍ରାମ ସରପଞ୍ଚ ରଶ୍ମିତା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ଯୁବ ବିଜେଡି ଉପସଭାପତି ବିଶ୍ୱଜିତ୍ ଚାଟାର୍ଜୀ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମିତିସଭ୍ୟାଙ୍କ ପ୍ରତିନିଧି ଦୀପକ ମଲ୍ଲିକ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ କୁଳମଣି ବୋଷ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।

## ଧାନ ଓଜନରେ ଠକେଇ

**କଟକ ସଦର,୧୫।୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ କିଶୋର ନଗର ସମବାୟ ସମିତି ଧାନମଣ୍ଡିରେ ଓଜନରେ ଠକେଇ କରାଯାଇଥିବା ସହକାରୀ ସମବାୟ ନିବନ୍ଧକଙ୍କ ନିକଟରେ ଅଭିଯୋଗ ହୋଇଛି। ଅଖାରେ ଧାନ ଓଜନବେଳେ ଠକେଇ ହେଉଛି। ବସ୍ତାର ଓଜନ ୩୫ କିଲୋ ୬୦୦ ହେଲେ ମିଲର ୩୫ କିଲୋ ହିସାବକୁ ନେଉଛନ୍ତି। ଫଳରେ ୧୦୦ରୁ ଊର୍ଦ୍ଧ୍ୱ ବସ୍ତା ଧାନ ବିକ୍ରି କରୁଥିବା ଚାଷୀମାନେ ବେଶିମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି। ଦୀର୍ଘବର୍ଷ ଧରି ଏଭଳି ଭାବେ ମିଲରମାନେ ଓଜନ କରିଆସୁଛନ୍ତି ବୋଲି କିଶୋରନଗର ସମବାୟ ସମିତି ସମ୍ପାଦକ ଅନିଲ ମଣ୍ଡଳ ସ୍ୱୀକାର କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବ୍ଲକ ଅଧୀନରେ ଥିବା କିଶୋର ନଗର, ଅଗିଲୋ ଓ ପ୍ରହରାଜପୁର ମଣ୍ଡିର ପ୍ରଶାସନିକ ନିୟନ୍ତ୍ରଣ ଜଗତ୍‌ସିଂହପୁର ଜିଲା ସହକାରୀ ସମବାୟ ନିବନ୍ଧକ ହାତରେ ରହିଛି। ତେଣୁ ଅଭିଯୋଗର ତଦନ୍ତ କରିବାକୁ କଟକ ସହକାରୀ ସମବାୟ ନିବନ୍ଧକ ଅନିମା ବେହେରା ପତ୍ର ଲେଖିଛନ୍ତି। ଅପରପକ୍ଷରେ କଟକ ସଦର ବ୍ଲକ ଅଞ୍ଚଳରେ ଥିବା ୮ଟି ମଣ୍ଡିରେ ମିଲରମାନେ କଟ୍‌ନି ଛଟ୍‌ନି ବାବଦରେ କୁଇଣ୍ଟାଲ ପିଛା ସାଢ଼େ ୩ କିଲୋ ଧାନ ନେଉଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ଅନସୂୟା ମଲ୍ଲଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। କ୍ରୟ କମିଟି ସଭ୍ୟମାନେ ମିଲର ପ୍ରତିନିଧିମାନଙ୍କ ସହ ଆଲୋଚନା ନ କରିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କଟକ ସଦର ବ୍ଲକ ଅଞ୍ଚଳରେ ଧାନ କ୍ରୟ କରିଥିବା ମିଲରମାନେ କଟକ ଅଞ୍ଚଳର ଅଟନ୍ତି। କିନ୍ତୁ ଯେଉଁ ସ୍ଥାନରେ ବାହାର ଜିଲାର ମିଲର ଅଛନ୍ତି ସେମାନେ ଓଦା ଧାନ ବାବଦକୁ ୨କିଲୋ କାଟ୍ କରୁଥିବା ଜଣାପଡିଛି। ଚଳିତବର୍ଷ କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର, ଗତିରାଉତପାଟଣା, ଅଗିଲୋ, କିଶୋରନଗର, କୂଳସରିଚୁଆଁ, ଦଧିବାମନପୁର, ଅଢ଼ାଳିଆ, ଜରିପଡ଼ା ଓ ଖଣ୍ଡେଇତା ସମବାୟ ସମିତି ଜରିଆରେ ୭୧,୮୫୬ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବ। ଜଗତ୍‌ସିଂହପୁର ଜିଲା ପକ୍ଷରୁ ଏନେଇ କି ପଦକ୍ଷେପ ନିଆଯିବ ତାହାକୁ ସମସ୍ତେ ଅପେକ୍ଷା କରିଛନ୍ତି।

## ‘ସମାଜ ବିକାଶରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ’

**କଟକ ଅଫିସ,୧୫।୧**

ମାଟି, ମଣିଷ ଓ ସଂସ୍କୃତିକୁ ନେଇ ସାହିତ୍ୟ ରଚନା ହେଲେ ତାହା କାଳଜୟୀ ହୋଇଥାଏ। ନିଷ୍କପଟ ବାର୍ତ୍ତା ସାହିତ୍ୟରେ ପ୍ରତିଫଳିତ ହେବା ଆବଶ୍ୟକ। ସମାଜର ବିକାଶରେ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ସନ୍ଧ୍ୟାରେ ଆୟୋଜିତ ଶରତ ସାହିତ୍ୟ ଟ୍ରଷ୍ଟର ଅଷ୍ଟାଦଶତମ ପ୍ରତିଷ୍ଠା ଉତ୍ସବକୁ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉଦ୍‌ଘାଟନ କରି ଏହା କହିଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇ କହିଥିଲେ, ସାରସ୍ୱତ ସ୍ରଷ୍ଟା ଶରତ କୁମାରୀ ଆଚାର୍ଯ୍ୟଙ୍କ ନିଷ୍ଠାପର କର୍ମ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ହୋଇଛି। ସମ୍ମାନିତ ଅତିଥି ଡ. ପ୍ରତିଭା ମହାରଥୀ କହିଥିଲେ, ନାରୀମାନଙ୍କର ସାମର୍ଥ୍ୟ ଓ କର୍ତ୍ତବ୍ୟବୋଧ ସମାଜକୁ ସୁନ୍ଦର କରିଥାଏ। ପ୍ରଫେସର ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି କହିଥିଲେ, ସମ୍ପର୍କ ସମାଜକୁ ଯୋଡ଼େ।



ଶରତ ସାହିତ୍ୟ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବରେ ସମ୍ବର୍ଦ୍ଧିତ ପ୍ରତିଭାଧାରୀ ଓ ଅତିଥିବୃନ୍ଦ।

### ଶରତ ସାହିତ୍ୟ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ

ସାହିତ୍ୟ ସମ୍ପର୍କର କଥା କହିଥାଏ। ଏହି ଅବସରରେ ଡ. ମମତା ପ୍ରିୟଦର୍ଶିନୀ ସାହୁଙ୍କୁ ଶରତ ସାରସ୍ୱତ ସମ୍ମାନ, ଡ. ସସ୍ମିତା ରାୟଙ୍କୁ କସ୍ତୁରୀ ଚରଣ ନାୟକ ସ୍ମୃତି ସମ୍ମାନ, ଡ. ସାରଦା ପ୍ରସାଦ ମହାନ୍ତିଙ୍କୁ ଶରତ ଯୁବ ପ୍ରତିଭା ସମ୍ମାନ ଓ ସିଦ୍ଧାର୍ଥ ମିଶ୍ରଙ୍କୁ ଶରତ ଶିଶୁପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ମୁଖପତ୍ର ଶରତ ପ୍ରଭା ଓ ଡ. ନଳିନୀ ନାୟକଙ୍କ ରଚିତ ବିବିଧ ଅନୁସୃଜନ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଟ୍ରଷ୍ଟର ଅଧ୍ୟକ୍ଷ ଶରତ କୁମାରୀ ଆଚାର୍ଯ୍ୟ ଅନୁଷ୍ଠାନର ଆଭିମୁଖ୍ୟ ବର୍ଣ୍ଣନା କରି ଓଡ଼ିଆ ସାହିତ୍ୟର ସମୃଦ୍ଧି ପାଇଁ ଶରତ ସାହିତ୍ୟ ଟ୍ରଷ୍ଟ ସଂକଳ୍ପବଦ୍ଧ ବୋଲି କହିଥିଲେ। ବିଦ୍ୟୁତ୍ ମଞ୍ଜରୀ ପ୍ରଧାନ, ଡ. ନଳିନୀ କୁମାରୀ ନାୟକ, କୁନଲତା ତ୍ରିପାଠୀ ଓ ସୁଷମା ବାରିକ ମାନପତ୍ର ପାଠ କରିଥିଲେ। କମଳ ମାହୁନ୍ତ ପ୍ରାରମ୍ଭିକ ସୂଚନା, ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ, ସରୋଜ ନଳିନୀ ଲେଙ୍କା ବିବରଣୀ ପାଠ ଓ ହୃଷୀକେଶ ମହାରଣା ଧନ୍ୟବାଦ ଦେଇଥିଲେ।

**ଟ୍ରାଫିକ ସେବା ବିପର୍ଯ୍ୟସ୍ତ**

ପୁରୀ ଅଫିସ: ଶ୍ରୀକ୍ଷେତ୍ରରେ ରବିବାର ପ୍ରବଳ ଭିଡ଼ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଭିଆଇପି ରୋଡ ଓ ସମୁଦ୍ରକୂଳ ରାସ୍ତାରେ ଅପରାହ୍ନରେ ଗହଳି ଯୋଗୁ ପର୍ଯ୍ୟଟକ ଫସି ରହିଥିଲେ। ବଡ଼ଦାଣ୍ଡରେ ଅସ୍ଥାୟୀ ବ୍ୟାରିକେଡ କରାଯାଇଥିବା ବେଳେ ଉଭୟ ପାର୍ଶ୍ୱରେ ଉଠାଦୋକାନୀ ରାସ୍ତା ମାଡ଼ିବସିଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ସେହିପରି ଶ୍ରୀମନ୍ଦିର ଚାରିପାଖରେ ପ୍ରକଳ୍ପ କାର୍ଯ୍ୟ ଚାଲିଥିବାରୁ ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଛି। ଏହା ଯାତାୟାତରେ ସମସ୍ୟାର କାରଣ ପାଲଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ମେଡିକାଲ ଛକଠାରୁ ଚାରିଚକିଆ ଗାଡ଼ିଗୁଡ଼ିକୁ ଶ୍ରୀମନ୍ଦିର ଆଡ଼କୁ ଛଡ଼ାଯାଇ ନ ଥିଲା। ସେହିପରି ମାର୍କେଟଛକଠାରୁ ଗାଡ଼ିକୁ ବନ୍ଦ କରାଯାଇଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୫।୧।୨୦୨୩

| ୭,୩୭,୪୮୧ ଟଙ୍କା | |
|---|---|
| ସୁନା | ୧୪.୫୬୦ ଗ୍ରାମ |
| ରୁପା | ୫୬.୫୦୦ ଗ୍ରାମ |

# 'ଲୀଳାବତୀ, ବୀଜଗଣିତ ସର୍ବକାଳୀନ ଶ୍ରେଷ୍ଠ ଗଣିତ ଗ୍ରନ୍ଥ'

**ପୁରୀ ଅଫିସ, ୧୫।୧:**

ବଳିଆପଣ୍ଡା ରୋଡ଼ସ୍ଥିତ 'ଦ ଟେଡି ପବ୍ଲିକ ସ୍କୁଲ'ରେ ଓଡ଼ିଶା ବିଜ୍ଞାନ ମଣ୍ଡଳର ସାଧାରଣ ସଭା ଓ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ବିଚାର ମନ୍ଥନ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭୁବନେଶ୍ୱର ନାଇଜରର କୁଳ ସଚିବ ଡ. ଅଭୟ କୁମାର ନାୟକ ସ୍ୱାଧୀନତା ସଂଗ୍ରାମରେ ଭାରତୀୟ ବୈଜ୍ଞାନିକ ମାନଙ୍କ ଅବଦାନ ବିଷୟରେ ସମ୍ୟକ ଆଲୋଚନା କରିଥିଲେ। ସେ ଓଡ଼ିଆ ସଂସ୍କୃତି, ଏହାର ଧାର୍ମିକ ପରମ୍ପରା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଓଡ଼ିଶା ଜନଜୀବନରେ ପ୍ରଭାବ ସମ୍ପର୍କରେ କହିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଆ ସଂସ୍କୃତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଲେଖକ ତଥା ଅନୁବାଦକ ଗଦାଧର ନନ୍ଦ ଯୋଗଦେଇ ଭାରତୀୟ ବୈଜ୍ଞାନିକ ଭାସ୍କରାଚାର୍ଯ୍ୟଙ୍କ ଲୀଳାବତୀ ଓ ବୀଜଗଣିତର ସାମ୍ପ୍ରତିକ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଲୀଳାବତୀ ଓ ବୀଜଗଣିତ ସର୍ବକାଳୀନ ଶ୍ରେଷ୍ଠ ଗଣିତ ଗ୍ରନ୍ଥ ବୋଲି ସେ କହିଥିଲେ। ସତ୍ୟବାଦୀ ଦାଶ ଜଗନ୍ନାଥ ସଂସ୍କୃତିର ମହନୀୟତା ବଖାଣି ଥିଲେ। ଏହି ଅବସରରେ ବାଇ-ଲ ସଂଶୋଧନ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା ଓ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ପ୍ରଫେସର ଚିତ୍ତରଞ୍ଜନ ତ୍ରିପାଠୀ, ରୟାଲ କେମିକାଲ ସୋସାଇଟିର ଫେଲୋ ଡ. ବିକାଶ କୁମାର ଜେନାଙ୍କୁ ମଣ୍ଡଳର ରାଜ୍ୟ ସମ୍ପାଦକ, ସୌଭାଗ୍ୟ ସ୍ୱାଇଁ ଓ ଦିବ୍ୟ କିଶୋର ପଣ୍ଡାଙ୍କୁ ଯୁଗ୍ମ ସମ୍ପାଦକ ଭାବେ ମନୋନୀତ କରାଯିବା ସହିତ ବିଭିନ୍ନ ଜିଲା ସମିତି ଘୋଷଣା କରିଥିଲେ। କଟକ ଜିଲାର ସଭାପତି ଭାବେ ଡ. ବାଇଧର ସାହୁ। ଖୋର୍ଦ୍ଧା ଜିଲାର ଡ. ଅଭୟ କୁମାର ନାୟକ, ଗଞ୍ଜାମର ଡ. କୈଳାଶ ଚନ୍ଦ୍ର ସାହୁ, ଢେଙ୍କାନାଳର ଡ. ସ୍ୱାତୀ ସୁଚରିତା ପ୍ରଧାନ, ଅନୁଗୋଳର ପବିତ୍ର ମୋହନ ପ୍ରଧାନ ଜିଲା ସଭାପତି ମନୋନୀତ ହୋଇଥିଲେ। ସେହିପରି ଭଦ୍ରକରୁ ଡ. ରଜତ କୁମାର ପ୍ରଧାନ, ବାଲେଶ୍ୱରରୁ ଡ. ପ୍ରଭାତ ସ୍ୱାଇଁ, ଜଗତସିଂହପୁରରୁ ଡ. ଅକ୍ଷୟ କୁମାର ନାୟକ, ଢେଙ୍କାନାଳରୁ ପଦନ ଚରଣ ସାହୁ ଜିଲା ସଂଯୋଜକ ଭାବେ ଚୟନ ହୋଇଥିଲେ। ଭୁବନେଶ୍ୱରର ସଭାପତି ଭାବେ ପ୍ରଫେସର ରୂପ ଗୋସ୍ୱାମୀ ମନୋନୀତ ହୋଇଥିଲେ। ମଣ୍ଡଳୀର ରାଜ୍ୟ ସହ ସଙ୍ଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ ଧନ୍ୟବାଦ ଦେଇଥିଲେ।

# ମହାପୁରୁଷଙ୍କ ବେଶରେ ସଡ଼କ ସୁରକ୍ଷା ସଚେତନତା



ଶିଶୁ କଳାକାର ବିଭିନ୍ନ ବେଶରେ ସଜେଇ ହୋଇ ଗାଡ଼ିଚାଳକଙ୍କୁ ସଚେତନ କରୁଛନ୍ତି।

**ପୁରୀ ଅଫିସ, ୧୫।୧:**

ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ପଞ୍ଚମ ଦିବସ ରବିବାର ବୀରହରେକୃଷ୍ଣପୁର ଛକ ନିକଟରେ ପୁରୀ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ 'ଆମ ବାର୍ତ୍ତା, ସୁରକ୍ଷିତ ଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛକ ନିକଟସ୍ଥ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଶିଶୁ କଳାକାରମାନେ ଝାନ୍ସି ରାଣୀ ଲକ୍ଷ୍ମୀବାଈ, ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଏବଂ ସୁଭାଷ ବୋଷଙ୍କ ବେଶରେ ଗାଡ଼ିଚାଳକମାନଙ୍କୁ ସଚେତନ କରିଥିଲେ। ଗାଡ଼ି ଚାଳନା ସମୟରେ ହେଲମେଟ ପିନ୍ଧିବା, ମଦ ପିଇ ଗାଡ଼ି ନ ଚଳାଇବା, ମୋବାଇଲ ବ୍ୟବହାର ନ କରିବା ଇତ୍ୟାଦି ଯାତ୍ରୀମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ଏବଂ ଟ୍ରାଫିକ ଡିଏସ୍‌ପି ମନୋବ୍ରତା ଶତପଥୀ ଏବଂ ସଦର ଥାନା କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। ଚଳିତ ମାସ ୧୮ ତାରିଖଠାରୁ ଜିଲାର ସମସ୍ତ ଥାନା ଅଞ୍ଚଳରେ ଜୋରଦାର ଚେକିଂ ହେବା ସହ ନିୟମ ଉଲ୍ଲଂଘନକାରୀ ଗାଡ଼ି ଚାଳକକୁ ଦଣ୍ଡିତ କରାଯିବ ବୋଲି ଅଧିକାରୀ ଦ୍ୱୟ କହିଥିଲେ।

## ସଂକ୍ଷେପରେ

### ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସଂକ୍ରାନ୍ତ ସଚେତନତା

ପୁରୀ ଅଫିସ, ୧୫।୧: ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସଂକ୍ରାନ୍ତ ଆଇନ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲା ଓ ଦୌରାଜଜ୍ ଶିତିକଣ୍ଠ ସାମଲଙ୍କ ଆଦେଶ ଅନୁସାରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହାକୁ ପ୍ରାଧିକରଣ ସଚିବ ଦେବାଶିଷ ଦାସ ଉଦ୍‌ଘାଟନ କରି ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ପୀଡ଼ିତ ଓ ପୀଡ଼ିତା କ୍ଷତିପୂରଣ ଯୋଜନା, ନ୍ୟାୟ ସଂଯୋଗ, ସମ୍ମୁଖ କାର୍ଯ୍ୟାଳୟ, ମଧ୍ୟସ୍ଥତା କେନ୍ଦ୍ର ଉପରେ ସୂଚନା ଦେବା ସହିତ ଆଇନ୍ ସେବା ସମ୍ପର୍କରେ ବୁଝାଇଥିଲେ। ରବିଶଙ୍କର ଜେନା, ଏମ୍. ଶିବ ପ୍ରସାଦ ରାଓ କହିଥିଲେ, ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଏବଂ ଅଧିକାର ହାଲ ଲାଗି ସମସ୍ତେ ନିଜ କର୍ତ୍ତବ୍ୟ କରିବା ହକଦାର ବୋଲି ମତ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିମଳା କୁମାରୀ ସେନାପତି, ଶିକ୍ଷୟିତ୍ରୀ ବୈଶାଳିନୀ ମହାପାତ୍ର ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଆଇନ୍ ସେବା ଆନ୍ଦୋଳନରେ ଛାତ୍ରୀମାନେ ସାମିଲ୍ ହୋଇ ଏହାର ଉପାଦେୟତାକୁ ପ୍ରଚାର କରିବା ପାଇଁ କହିଥିଲେ।

### ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଉଦ୍‌ଯାପିତ

ପୁରୀ ଅଫିସ, ୧୫।୧: ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ଓ ଗୋବିନ୍ଦ ଗୋଧାମ ଗୋଶାଳାର ମିଳିତ ଆନୁକୂଲ୍ୟରେ ଚାଲିଥିବା ରାଷ୍ଟ୍ରୀୟ ରାମାୟଣ ମହୋତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଉତ୍ତରାକାଣ୍ଡ ପାଠ କରାଯାଇ ରାଜାଭିଷେକ, କଳିଯୁଗର ରୀତିନୀତି ବର୍ଣ୍ଣନା କରାଯାଇଥିଲା। ଆଳିପଡ଼ା ଗ୍ରାମସ୍ଥିତ ଟ୍ରଷ୍ଟର ଗୋବିନ୍ଦ ଗୋଧାମ ଗୋଶାଳା ପରିସରରେ ଉତ୍ତର ପ୍ରଦେଶ ଚିତ୍ରକୂଟର ତୁଳସୀ ପୀଠାଧୀଶ୍ୱର ଜଗଦ୍‌ଗୁରୁ ପଦ୍ମ ବିଭୂଷଣ ରାମ ଭଦ୍ରାଚାର୍ଯ୍ୟ ମହାରାଜ ଜୀଙ୍କ ୭୪ତମ ଜନ୍ମୋତ୍ସବ ପାଳନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଥିବା ଗୋବିନ୍ଦ ଗୋଧାମ ଗୋଶାଳାର ଗୋଭକ୍ତ ପ୍ରତିନିଧିମାନେ ଗୋମାତାଙ୍କ ପୂଜନ କରିଥିଲେ। ସ୍ଥାନୀୟ ଲୋକଙ୍କୁ ବସ୍ତ୍ର ବଣ୍ଟାଯାଇଥିଲା। ସୁରେଶ ସାରଡ଼ା ଓ ଶରତ ସାରଡ଼ା ଉତ୍ତରାକାଣ୍ଡ ପାଠ କରିଥିଲେ। ଉତ୍ସବକୁ ଟ୍ରଷ୍ଟ ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡା ଏବଂ ମୁଖପାତ୍ର ବିଷ୍ଣୁଦତ୍ତ ଦାସ ପରିଚାଳନା କରିଥିଲେ।

# କଳା, ସଂସ୍କୃତି, ଭାଷାକୁ ପ୍ରୋତ୍ସାହିତ କରାଯାଉ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

**ପୁରୀ ଅଫିସ, ୧୫।୧:**

କଳା ଓ ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବା ସହିତ ଓଡ଼ିଆ ଭାଷାର ଶ୍ରୀବୃଦ୍ଧି କରାଯାଉ। ସାହିତ୍ୟ ପ୍ରଚାରଧର୍ମୀ ନ ହୋଇ ସାମୂହିକ ହେଉ ଏବଂ ସାଂପ୍ରତିକ ସମାଜର ବାର୍ତ୍ତା ବହନ କରୁ ବୋଲି ଜିଲା ସଂସ୍କୃତି ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ଝଙ୍କାରର ବାର୍ଷିକ ମହୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କବିତା ଝଙ୍କାରର ସଭାପତି କୃଷ୍ଣଚନ୍ଦ୍ର ବାରିକ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନିତ୍ୟାନନ୍ଦ ଖମାରୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଡା. ସଂଗ୍ରାମ କେଶରୀ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ କବି ରାମଚନ୍ଦ୍ର ନାଏକ, ପ୍ରବାସିନୀ ମିଶ୍ର, ଡ. ରଘୁନାଥ ମେହେର, ଡ. ଇତିଶ୍ରୀ ଦାଶ, ଲିଲି ପଟେଲ, ଡ. ଦିଲ୍ଲୀପ ସେନାପତି ପ୍ରମୁଖ ଯୋଗଦେଇ ସାହିତ୍ୟ ଝଙ୍କାରର ପ୍ରଗତି ଓ ସମାଜରେ ଦାୟିତ୍ୱବୋଧ ବିଷୟରେ ଆଲୋକପାତ କରିଥିଲେ। କବିତା ଝଙ୍କାରର ପ୍ରତିଷ୍ଠାତା ସମ୍ପାଦକ ଶିବାତ୍ମକ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରମୋଦିନୀ ଦେଈ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରତିଷ୍ଠିତ କବି, କବୟିତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ୱାସ୍ଥ୍ୟକର୍ମୀ ଏବଂ ସମାଜସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଅନୁଷ୍ଠାନର ମୁଖପତ୍ର 'ହିତ୍ୟାଶା' ସହିତ ଦିନେଶ ଭୋଇଙ୍କ ପ୍ରେମାନୁରାଗ ଓ ମା' ଦଶମତି ପୁରାଣ, ଜୟନ୍ତୀ ନନ୍ଦଙ୍କ ଅବ୍ୟକ୍ତ ଅନୁଭବ, ଡ.ସସ୍ମିତା ମିଶ୍ରଙ୍କ କବିର କଳ୍ପନା, ଝରଣା ତନ୍ତୀଙ୍କ ବିବର୍ଣ୍ଣ ପ୍ରତ୍ୟୁଷ ଲୋକାର୍ପଣ କରିଥିଲେ। ମୁଖ୍ୟ ଉପଦେଷ୍ଟା ରବିଚନ୍ଦ୍ର ପଶାୟତ ଧନ୍ୟବାଦ ଦେଇଥିଲେ।

## ୧୭ରୁ ଟାଉନ ହଲରେ ପ୍ରଦର୍ଶନ ହେବ 'ଦମନ'
### ଟିକେଟ ମୂଲ୍ୟ ୧୦୦

**ପୁରୀ ଅଫିସ, ୧୫।୧**

ପ୍ରାୟ ଦୁଇମାସ ଧରି ରାଜ୍ୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦର୍ଶକଙ୍କଠାରୁ ବହୁ ପ୍ରଶଂସା ସାଉଣ୍ଟିଥିବା ଓଡ଼ିଆ ଚଳଚ୍ଚିତ୍ର 'ଦମନ' ପୁରୀରେ ପୁଣିଥରେ ପ୍ରଦର୍ଶନ ହେବ। ପୁରୀର କେତେଜଣ କଳାପ୍ରେମୀଙ୍କ ସହଯୋଗରେ ଏହା ପ୍ରଦର୍ଶନ ହେବାକୁ ଯାଉଛି। ଏ ନେଇ ଭକ୍ତ ସାଲବେଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଆୟୋଜକମାନେ କହିଛନ୍ତି, ବାତ୍ୟା ଫନିଠାରୁ ପୁରୀର ପ୍ରାୟ ସମସ୍ତ ପ୍ରେକ୍ଷାଳୟ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ଅବସ୍ଥାରେ ନାହିଁ। ଫଳରେ ପୁରୀବାସୀ ଭଲ ସିନେମା ଦେଖିବାରୁ ବଞ୍ଚିତ ହେଉଛନ୍ତି। ଚଳଚ୍ଚିତ୍ର 'ଦମନ' ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇ ଭଲ କାହାଣୀ ପାଇଁ ପ୍ରଶଂସା ସାଉଁଟି ଥିଲା। ତେବେ ଏହି ଚଳଚ୍ଚିତ୍ରକୁ ଲୋକେ ପୁରୀରେ ଦେଖିବାରୁ ପ୍ରାୟ ବଞ୍ଚିତ ରହିଥିଲେ। ପୁରୀର କେତେଜଣ ସିନେପ୍ରେମୀ ଉଦ୍ୟମ କରି ଦମନକୁ ଦର୍ଶକଙ୍କ ପାଖରେ ପହଞ୍ଚାଇବାକୁ ପ୍ରଚେଷ୍ଟା କରିଛନ୍ତି। ଚଳିତ ମାସ ୧୭, ୧୮ ଓ ୧୯ ତାରିଖ ତିନିଦିନ ଧରି ଉକ୍ତ ସିନେମା ପୁରୀ ପୌରସଦନ ବା ଟାଉନ ହଲରେ ପ୍ରଦର୍ଶନ ହେବ। ଟାଉନ୍ ହଲରେ ୨୪ ଫୁଟ ଓସାର ବିଶିଷ୍ଟ ଏଲ୍‌ଇଡି, ଉନ୍ନତ ସାଉଣ୍ଡ, ଶୀତତାପ ନିୟନ୍ତ୍ରିତ ହଲରେ ଦର୍ଶକ ବସି ଫିଲ୍ମ ଦେଖିବାର ସୁଯୋଗ ପାଇବେ। ଏଥିପାଇଁ ଟିକେଟର ମୂଲ୍ୟ ମାତ୍ର ୧୦୦ ଟଙ୍କା ରଖାଯାଇଛି। ଟିକେଟ ବୁକିଂ ଆରମ୍ଭ ହୋଇଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ସକାଳ ୧୦ଟାରୁ ୫ଟା ମଧ୍ୟରେ ଟାଉନ ହଲକୁ ଆସି ଟିକେଟ୍ ବୁକ୍ କରିପାରିବେ କିମ୍ବା ମୋବାଇଲ ନଂ. ୭୩୭୭୨୯୦୮୫୦୧ କଲ୍ କରି ଟିକେଟ ବୁକ୍ କରିପାରିବେ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ମଧ୍ୟାହ୍ନ ୧୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦମନ ପ୍ରଦର୍ଶନ ହେବ। ଦିନକୁ ୩ଟି ଶୋ ହେବ। ଏଭଳି ୩ ଦିନରେ ୯ଟି ଶୋ ପ୍ରଦର୍ଶନ କରାଯିବ। ଯଦି ଚାହିଦା ରହିବ ତେବେ ରାତି ୯ଟା ପରେ ଆଉ ଗୋଟିଏ ଶୋ କରାଯିବ, ଯାହା ରାତି ୯ରୁ ୧୨ଟା ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ ପିନାକୀ ଶ୍ରୀଚନ୍ଦନ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟମାନେ।

**ନିମାପଡ଼ା,୧୫।୧(ଡି.ଏନ୍.ଏ.):**

ନିମାପଡ଼ା ଏନ୍‌ଏସି ପକ୍ଷରୁ ୫-ଟି ଅନ୍ତର୍ଗତ ଜାଗା ସମ୍ପର୍କ ମାଧମରେ ବସ୍ତିବାସିନ୍ଦାଙ୍କ ଦକ୍ଷତା ବୃଦ୍ଧି ସମାରୋହ ରବିବାର ଏନ୍‌ଏସି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ସହରଗୁଡ଼ିକ ନିକଟରେ ଥିବା ବସ୍ତିବାସିନ୍ଦାମାନେ ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ବିତାଇବା, ବସ୍ତିବାସିନ୍ଦାଙ୍କ ମଧ୍ୟରେ ଏକ ନୂତନ ପରିଚୟ ସୃଷ୍ଟି ହେବା ଜାଗା ସମ୍ପର୍କ ଅଭିଯାନର ମୂଳମନ୍ତ୍ର। ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଏକ ଅଭିନବ ପ୍ରୟାସ ବୋଲି ମନ୍ତ୍ରୀ ଦାଶ କହିଥିଲେ। ପାଟପୁର ଓ ଅଣ୍ଡିଆ ମୌଜାରେ ଚକବନ୍ଦୀ କାର୍ଯ୍ୟ ଖୁବ୍‌ଶୀଘ୍ର ତ୍ୱରାନ୍ୱିତ ହେବ। ସ୍ଥାନୀୟ ଏନ୍‌ଏସିରେ ନିର୍ମାଣ ଚାଲିଥିବା ଇନ୍‌ଡୋର ଷ୍ଟାଡିୟମ ଖୁବ୍‌ଶୀଘ୍ର ଉଦ୍‌ଘାଟିତ ହେବ। କାର୍ଯ୍ୟକ୍ରମରେ ଅତିଥିଭାବେ ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ, ପୂର୍ବତନ ଅଧକ୍ଷ ସନାତନ ପ୍ରଧାନ, କାଉନସିଲର ଧନୁର୍ଦ୍ଧର ଦାସ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ସିଟି ମିଶନ ମ୍ୟାନେଜର ଶୁଭ୍ରଜିତ୍ ସେନାପତି, ପରିମଳ ଅଧିକାରୀ ବିଜୟ କୁମାର ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁସଲମାନ ବସ୍ତି ଓ ସୁଇପର କଲୋନୀ ବସ୍ତିର ମୁରବୀଙ୍କ ସହ ଏନ୍‌ଏସିର ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଦୁଇଜଣ ମୁରବୀଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ କରିଥିଲେ। ସମାରୋହରେ 'ବସ୍ତି ପାଲଟିବ ଆଦର୍ଶ ବସତି' ସମ୍ପର୍କିତ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

**ପୁରୀ ଅଫିସ, ୧୫।୧:**

ରାଣୀସତୀ ଭବନସ୍ଥିତ ବୁଦ୍ଧିଷ୍ଟ ଟାଏକୋଣ୍ଡୋ ଏକାଡେମୀ ଟ୍ରେନିଂ ହଲ୍‌ଠାରେ ଓଡ଼ିଆ ଟାଏକୋଣ୍ଡୋ ସଂଘ ଏବଂ ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ପୁରୀର ମିଳିତ ଆନୁକୂଲ୍ୟରେ ରବିବାର ୩୪ତମ ଓଡ଼ିଶା ରାଜ୍ୟ ସିନିୟର କିରୋଗୀ ଓ ୭ତମ ପୁମ୍‌ସେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିସହ ୩୫ତମ ଓଡ଼ିଶା ରାଜ୍ୟ ଜୁନିୟର କିରୋଗୀ ଓ ୮ତମ ପୁମ୍‌ସେ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ୨୦ ଜିଲାରୁ ୨୫୦ରୁ ଅଧିକ ବାଳିକା ଓ ବାଳକ ଦଳ ଭାଗ ନେଇଛନ୍ତି। ପୁମ୍‌ସେ ସିନିୟର ବିଭାଗରେ ୮ଟି ଓ ଜୁନିୟର ୧୦ ୱେଟ କାଟେଗୋରିରେ ଏମାନେ ଅଂଶଗ୍ରହଣ କରିଛନ୍ତି। ସେହିପରି ପୁମ୍‌ସେରେ ବ୍ୟକ୍ତିଗତ କ୍ୟାଟେଗୋରି, ଯୁଗ୍ମ କ୍ୟାଟେଗୋରି, ଟିମ୍ କାଟେଗୋରିରେ ପ୍ରତିଯୋଗିତା ହେବ। ଏହି ପ୍ରତିଯୋଗିତାରେ କେବଳ ସ୍ୱର୍ଣ୍ଣପଦକ ବିଜେତାମାନେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ। ପ୍ରତିଯୋଗିତାରେ ୨୨ଜଣ ରେଫେରି ଓ ବିଚାରକଙ୍କୁ ରାଜ୍ୟ ସଂଘ ନିଯୁକ୍ତି ଦେଇଥିଲା। ଟୁର୍ନାମେଣ୍ଟ ଚେୟାରମ୍ୟାନ ଭାବେ ଅନ୍ତର୍ଜାତୀୟ ରେଫରି ଅଶୋକ କୁମାର ସାହୁ, ଟୁର୍ନାମେଣ୍ଟ ଡିରେକ୍ଟର ଭାବେ ଅମରେନ୍ଦ୍ର ପୃଷ୍ଟି ଏବଂ ଟୁର୍ନାମେଣ୍ଟ କୋଅର୍ଡିନେଟର ଭାବେ ସୁଦୀପ୍ତା ନନ୍ଦ ପ୍ରତିଯୋଗିତା ପରିଚାଳନା କରିଥିଲେ। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଂଘର ସଭାପତି ସନ୍ତୋଷ ଶ୍ରୀରଙ୍ଗମ ଏବଂ ଅତିଥି ଭାବେ ସନ୍ତୋଷ କୁମାର ଚନ୍ଦୁକା, ସାମାଜିକ କର୍ମୀ, ରାଜ୍ୟ କୋଷାଧକ୍ଷ ବ୍ୟୋମକେଶ ଅଭିଳାଷ ପ୍ରସାଦ, ପୁରୀ ଜିଲା ସଂଘ ସଭାପତି ଧବଳେଶ ମହାପାତ୍ର ଉପସ୍ଥିତ ଥିଲେ। କୃତି ପ୍ରତିଯୋଗୀଙ୍କୁ ମେଡାଲ ପ୍ରଦାନ କରାଯାଇଥିଲା।





ପୁରୀ ଗୋପବନ୍ଧୁ ଆୟୁର୍ବେଦିକ କଲେଜରେ ରବିବାର ଆୟୋଜିତ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଜାତୀୟ କାର୍ଯ୍ୟକାରିଣୀ ଅଧିବେଶନରେ ମଞ୍ଚାସୀନ ଅତିଥି।

# ସଡ଼କ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ

**ପୁରୀ ଅଫିସ, ୧୫।୧:**

ନିଜେ ସତର୍କ ରହିବା ସହ ଟ୍ରାଫିକ ନିୟମ ପାଳନ କଲେ ମୂଲ୍ୟବାନ ଜୀବନ ଅକାଳରେ ରାସ୍ତାରେ ଝଡ଼ିଯିବ ନାହିଁ। ତେଣୁ ପ୍ରତ୍ୟେକ ବ୍ୟକ୍ତି ସଡ଼କ ସୁରକ୍ଷା ନିୟମ ଅନୁପାଳନ କରିବା ପାଇଁ ପୁରୀ ଜିଲାପାଳ ସମର୍ଥ ବର୍ମା ଆହ୍ୱାନ ଦେଇଛନ୍ତି। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ରଥକୁ ଜିଲାପାଳ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ସଚେତନତା ସୃଷ୍ଟି କରିବ ବୋଲି ଜିଲାପାଳ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ, ଟ୍ରାଫିକ ଡିଏସ୍‌ପି ମନୋବ୍ରତା ଶତପଥୀ, ସଚିନ ପଟେଲ, ଆସୋସିଏଶନ ଅଫ ଟୁଇଟର ଆକ୍ଟିଭିଷ୍ଟର ସଭାପତି ବିସ୍ମୟ ମିଶ୍ର, ବରିଷ୍ଠ ପରାମର୍ଶଦାତା ବିପିନ କୁମାର ମହାନ୍ତି, ଦେବରାଜ ଦାସ, ସତ୍ୟ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବାଙ୍ଗୁରିଲଟା ଜଙ୍ଗଲରୁ ସୂର୍ଯ୍ୟମନ୍ଦିର ପାଇଁ ଯାଇଥିଲା ୧୦ ହଜାର ବାଉଁଶ

**ପୁରୀ ଅଫିସ, ୧୫।୧:**



ଶ୍ରୀପଦ୍ମକେଶର ମନ୍ଦିରରେ ସୂର୍ଯ୍ୟବିଗ୍ରହଙ୍କ ଅଭିଷେକ ଅବସରରେ ଗୋଲରାଗଡ଼ ବିଦ୍ୟାଜେନା ବାଙ୍ଗୁରିଲଟା ଜଙ୍ଗଲରୁ ୩୦୦ କାଠଖୁଣ୍ଟି ଓ ୧୦ ହଜାର ବାଉଁଶ ଯୋଗାଇ ଦେଇଥିଲେ। ବାୟାଚକଡ଼ା ବର୍ଣ୍ଣିତ ଏହି ବାଙ୍ଗୁରିଲଟା ଜଙ୍ଗଲ କୁଶଭଦ୍ରା ନଦୀର ପୂର୍ବପଟେ ରହିଥିବା ଠାବ ହୋଇଛି। ନଦୀର ପଶ୍ଚିମପଟେ ଗଡ଼ବାଙ୍ଗର ରହିଥିବାବେଳେ ପଶ୍ଚିମରେ ଘଞ୍ଚ ଅରଣ୍ୟ ବାଙ୍ଗୁରିଲଟା ରହିଥିଲା। ଏହି ଅରଣ୍ୟର ଆରାଧ୍ୟ ଥିଲେ ଲଟା ଜାଗୁଳାଇ ଦେବୀ। ଏବେ ପ୍ରାଚୀନ ବଟବୃକ୍ଷ ଓ ଏକାଧିକ କୋଚିଲା ଖାଇ ଗଛ ମଝିରେ ଦେବୀ ବିଜେ କରିଛନ୍ତି। ଏଠି ଜନବସତି ଗଢି ଉଠିଥିଲା। ବାଘ ଆକ୍ରମଣ କରିବା ପରେ ପ୍ରାୟ ୨୦୦ ବର୍ଷ ପୂର୍ବେ ଜନବସତି ପୂର୍ବ ଦିଗକୁ ସ୍ଥାନାନ୍ତର ହୋଇ ବରପଦା ବାଙ୍ଗୁରି ଭାବେ ଚିହ୍ନିତ ହୋଇଥିଲା। ଏବେ ବରପଦା -ବାଙ୍ଗର ଭାବେ ତାହା ଏକ ମଉଜା ରୂପେ ପରିଚିତ ହୋଇଛି ବୋଲି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କହିଛନ୍ତି। ପୋଥି ବର୍ଣ୍ଣିତ ତଥ୍ୟର ଅନୁସନ୍ଧାନ ପାଇ ଶ୍ରୀନାରାୟଣୀ ଟ୍ରଷ୍ଟ ବୋର୍ଡର ସହାୟତା ନେଇ ଡ. ମିଶ୍ର ଏକ ୧୮ ଜଣିଆ ଦଳ ସହିତ ବାଙ୍ଗୁରୀ ଲଟା ଜଙ୍ଗଲରେ ପହଞ୍ଚିଥିଲେ। ନଦୀବନ୍ଧ ହେବାପରେ ଅନେକ ଗଛ କଟାଯାଇଥିଲେ ମଧ ଜଙ୍ଗଲ ରହିଛି। ଲଟାମୟ କଣ୍ଟା ବାଉଁଶ ଜଙ୍ଗଲ ଏବେ ବି ଅଛି। ଜାଗୁଳେଇ ହେଉଛନ୍ତି ଜାଗ୍ରତଗୌରୀ ଶବ୍ଦର ଅପଭ୍ରଂଶ। ଷୋଳ ଶାସନ ବତିଶି କରବାଡ଼ରେ ଜାଗୁଳେଇ ପଞ୍ଚମୀରେ ବାରିକ ସେବକ ମାଟିରେ ତିଆରି କରି ବେତାରେ ପୂରାଇ ଦୁଆରୀ ଭୋଗ ପରମ୍ପରା ଆଜି ବି ଅଛି। ସେହିପରି ତରକର, ସମଗରା, ବେଲଦଳ, ରାମେଶ୍ୱର ପାଟଣା, ଗୋପାଳପୁର, ବେଲେଶ୍ୱରପାଟଣାରେ ଜାଗୁଳାଇ ଉପାସନା ପ୍ରଚଳିତ ଥିବାବେଳେ ବାଙ୍ଗୁରୀଲଟା ଜଙ୍ଗଲରେ ୧୭ଘର ବାରିକ ସେବକ ଦ୍ୱାରା ଦେବୀ ଉପାସିତ ହେଉଛନ୍ତି। ଏହି ସେବକମାନେ କାନପୁର ଗାଁ ପ୍ରାଚୀନ କାଳରୁ ଆସି ଜଙ୍ଗଲରେ ସେବା କରି ଫେରିଥାନ୍ତି। ସେମାନେ ରାଜଖଞ୍ଜା ଜାଗିରି ପାଇଛନ୍ତି। ଦେବୀଙ୍କ ବିଜେସ୍ଥଳୀ ଏକ ଏକର ଥିବାବେଳେ ରାଜପ୍ରଦତ୍ତ ଜମିର ମାର୍ଫତଦାର ଭାବେ ଦେବୀଙ୍କ ନାମ ଦରଜ ହୋଇଛି। କୁଶଭଦ୍ରା ନଦୀର ପୂର୍ବ କୂଳରୁ କେଲୁଣୀ ମୁହାଁଣ ପର୍ଯ୍ୟନ୍ତ ଗୋଲରାଗଡ଼ ସାଆନ୍ତଙ୍କ ରାଜ୍ୟ ଥିଲା। ଅନୁସନ୍ଧାନ କାଳରେ ଶ୍ରୀମନ୍ଦିର କୋଠ ସୁଆଁସିଆ ସେବକ ଲକ୍ଷ୍ମୀଧର ଗୋଛାୟତଙ୍କ ସହ ୧୨ଜଣ ସେବକ ସହଯୋଗ କରିଥିଲେ। ଏହି ଅନୁସନ୍ଧାନ କାଳରେ ଟ୍ରଷ୍ଟ ସଭାପତି ଛବିନ୍ଦ୍ର ପ୍ରଧାନ, ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ, କୋଷାଧକ୍ଷ ବିଶ୍ୱ ଭୂଷଣ ପ୍ରଧାନ, ବେଲଦଳ ପ୍ରଭାତ ପ୍ରଧାନ, ଭବେଶ ପ୍ରଧାନ, ପ୍ରଦେଶ ମାଳ, ବାସୁଦେବ ସ୍ୱାଇଁ, ହାଡ଼ିବନ୍ଧୁ ପ୍ରଧାନ, ମନୋଜ ଖଟେଇ ଏବଂ ଗଙ୍ଗାଧର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଭୁବନେଶ୍ୱରକୁ ହରାଇ ଖୋର୍ଦ୍ଧା ରେଲ୍‌ଓ୍ୱେ ଚାମ୍ପିୟନ

## ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ

**ନିମାପଡ଼ା,୧୫।୧(ଡି.ଏନ.ଏ.):**





ଚାମ୍ପିୟନ ଦଳକୁ ଅତିଥିମାନେ କପ୍ ପ୍ରଦାନ କରୁଛନ୍ତି।

ନିମାପଡ଼ା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ କିଶୋର ପଣ୍ଡା ସ୍ମାରକୀ ୧୪ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଏକାଦଶକୁ ୫୦ ରନ୍‌ରେ ହରାଇ ଖୋର୍ଦ୍ଧା ରେଲ୍‌ଓ୍ୱେ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲ୍‌ଓ୍ୱେ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ଟି ଉଇକେଟ ବିନିମୟରେ ୨୨୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସମ୍ବିତ ସାହୁ ୬୬ ରନ୍, ଗିରିଜା ରାଉତ ୬୩ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଭୁବନେଶ୍ୱର ଏକାଦଶ ଦଳର ପ୍ରତୀକ ଦାସ ୩ଟ ଓ ଅଙ୍କିତ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର ଏକାଦଶ ଟିମ୍ ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୭୭ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରତୀକ ଦାସ ୬୫ ଓ ଶୁଭ ଶର୍ମା ୬୫ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଖୋର୍ଦ୍ଧା ରେଲ୍‌ଓ୍ୱେ ଦଳର ଅଙ୍କିତ ଯାଦବ ୩ଟି, ଅଭିଷେକ ଯାଦବ ୩ଟ ଓ ରାକେଶ ମହାନ୍ତି ୨ଟି ଉଇକେଟ ନେଇଥିଲେ। ନିର୍ମଳ ମିଶ୍ର ଓ ସମ୍ବିତ ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ପାର୍ଥସାରଥି ପରିଡ଼ା ଓ ରୋଶନଜିତ ରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ସଂଗ୍ରାମ ଭୋଳ ଓ ଆଶୁତୋଷ ମହାନ୍ତି ମ୍ୟାଚ୍‌ର ଧାରାବିବରଣୀ ପ୍ରଦାନ କରିଥିଲେ। ଖୋର୍ଦ୍ଧାରୋଡ଼୍ ରେଲ୍‌ଓ୍ୱେ ଦଳର ସମ୍ବିତ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଅଭିଷେକ ଯାଦବ ମ୍ୟାନ୍ ଅଫ୍ ଦି ସିରିଜ, ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ ଅଙ୍କିତ ଯାଦବ ଓ ଶ୍ରେଷ୍ଠ ବୋଲର ଭାବେ ରାକେଶ ମହାନ୍ତି ବିବେଚିତ ହୋଇ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ଓ ୫ଜଣ ଅମ୍ପାୟରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଅଭିନେତ୍ରୀ ଭୂମିକା ଦାଶ, ଓସିଏର ଉପସଭାପତି ପଙ୍କଜଲୋଚନ ମହାନ୍ତି, କୋଷାଧକ୍ଷ ବିକାଶ ଚନ୍ଦ୍ର ପ୍ରଧାନ, ନିମାପଡ଼ା ଆଥଲେଟିକ୍ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କ୍ରୀଡ଼ା ସଙ୍ଗଠକ ଅକ୍ଷୟ କୁମାର ବେହେରା, ଯୁବ ବ୍ୟବସାୟୀ ପ୍ରମୋଦ ସାହୁ, କାଉନସିଲର ରାଜକିଶୋର ସାହୁ, ଯୁବନେତା ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୪୧ହଜାର ଟଙ୍କା ଓ ନିମାପଡ଼ା କପ୍ ଟ୍ରଫି ଏବଂ ରନର ଅପ୍ ଟିମ୍‌କୁ ୨୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚରେ ଚିୟରଗାର୍ଲସ ଓ ଅଭିନେତ୍ରୀ ଭୂମିକାଙ୍କ ନୃତ୍ୟ ଦର୍ଶକ, କ୍ରୀଡ଼ାପ୍ରେମୀଙ୍କୁ ବିମୋହିତ କରିଥିଲା।

